ଆମ ସ୍ୱାଧୀନତା ଲଢ଼େଇରେ

ମୁଠାଏ ଲୁଣର କରାମତି

ଶ୍ରୀ ଶ୍ରବଣ କୁମାର ମିଶ୍ର

ଆମ ସ୍ୱାଧୀନତା ଲଢ଼େଇରେ

ମୁଠାଏ ଲୁଣର କରାମତି

ଶ୍ରୀ ଶ୍ରବଣ କୁମାର ମିଶ୍ର

ନରୁପମା ପ୍ରକାଶନୀ
ମହାନଦୀବହାର
କଟକ-୭୫୩୦୦୪

Digitized by srujanika@gmail.com

ଆମ ସ୍ୱାଧୀନତା ଲଢ଼େଇରେ
ମୁଠାଏ ଲୁଣର କରାମତି

ଲେଖକ :

ଶ୍ରୀ ଶ୍ରବଣ କୁମାର ମିଶ୍ର

ପ୍ରକାଶକ :

ନିରୁପମା ପ୍ରକାଶନୀ
ମହାନଦୀବିହାର, କଟକ-୭୫୩୦୦୪

ପ୍ରଥମ ପ୍ରକାଶ : ୧୯୯୦
ଦ୍ୱିତୀୟ ପ୍ରକାଶ : ୧୯୯୨

ମୁଦ୍ରଣ :

ନବରଙ୍ଗ
ଷ୍ଟେସନରୋଡ଼, ଉଗରପଡ଼ା, କଟକ-୨

ମୂଲ୍ୟ—୧୦-୦୦

Digitized by srujanika@gmail.com

ଆମ ସ୍ୱାଧୀନତା ଲଢ଼େଇରେ
ମୁଠାଏ ଲୁଣର କରାମତି

ଇଂରେଜମାନେ ପ୍ରଥମେ ବେପାର କରିବା ପାଇଁ ଆମ ଦେଶକୁ ଆସିଥିଲେ

ମୁଠାଏ ବୋଲି ଲୁଣ । ଯାହାକୁ ଯେତେ । କାରଣ ଆମ ଦେଶର ପୂର୍ବ ସୀମାରେ ସମୁଦ୍ର । ସମୁଦ୍ର ପାଣି କୋଶ କୋଶକୁ ଲମ୍ବି ଯାଇଛି । ସମୁଦ୍ର ପାଣିରୁ ଲୁଣ ମରିଯାଏ । ଆମ ଦେଶରେ ସେଥିପାଇଁ ଲୁଣର ଅଭାବ ନଥାଏ । ଆମକୁ ଲୁଣ ବଡ଼ ଶସ୍ତାରେ ମିଳିବା କଥା । ଆଗକାଳରେ ଆମ ଲୋକେ ଲୁଣ ମାରୁଥିଲେ । ଆମ ଦେଶର ସମୁଦ୍ର ପାଣିରୁ ଆମେ ଲୁଣ ମାରିବା, ସେଥିରେ କାହାର କ'ଣ ସତରେ କହିବାର ଅଛି ? ଏହା ତ ଆମର ଅଧିକାର । ଏହା ମଧ୍ୟ ବର୍ଷେ ଦି'ବର୍ଷର ଘଟଣା ନୁହେଁ । ଆମ ଭାରତବର୍ଷରେ ଏହା କେଉଁ ଯୁଗରୁ ଚଳି ଆସୁଥିଲା । ଇଂରେଜମାନେ କେତେଶହ ବର୍ଷ ତଳେ ଆମ ଦେଶକୁ ଆସିଲେ । ସେମାନେ ପ୍ରଥମେ ବେପାର ବଣିଜ କରିବାକୁ ଆସିଥିଲେ । ସେମାନେ ବେପାର ବଣିଜରେ ଖୁବ୍ ଲାଭବାନ୍ ହେଲେ । ବେପାରରେ ଯାହା ଲାଭ ହେଲା, ତାହା ସେମାନେ ତାଙ୍କ ଦେଶକୁ ବୋହି ନେଇଥିଲେ । ଇଂରେଜମାନଙ୍କର ଦେଶ ହେଉଛି ବିଲାତ । ସାତ ସମୁଦ୍ର ତେର ନଈ ସେପାରି । କାହିଁ ଏପାରି ଆମ ଦେଶ ଭାରତବର୍ଷ, କାହିଁ ସେ ପାରିରେ କେତେ ଦୂରରେ ବିଲାତ ଦେଶ ! ତଥାପି ଆମ ଦେଶର ଧନ ସମ୍ପଦ ଉପରେ ଇଂରେଜ ବେପାରୀମାନଙ୍କର ଆଖି ପଡ଼ିଲା ।

ବିଲାତ ଦେଶରୁ ସେହି ବେପାରୀ ଦଳ ଆସିଥିଲେ । କେତେକ ଇଂରେଜ ଲୋକ ସେହି ଯୁଗରେ ବିଲାତରେ ଇଷ୍ଟଇଣ୍ଡିଆ କମ୍ପାନୀ

Digitized by srujanika@gmail.com

ନାମରେ ଗୋଟିଏ ବ୍ୟବସାୟ ସଂସ୍ଥା ଗଢ଼ିଥିଲେ । ସେହି କମ୍ପାନି ଭାରତ ସହିତ ବେପାର କରିବା ପାଇଁ ପ୍ରଥମେ ଚାହିଁଥିଲେ । ଗୁଜୁରାଟର ସୁରାଟ ବନ୍ଦର ସେହି ଯୁଗରେ ଏକ ଜଣାଶୁଣା ବନ୍ଦର । ଇଂରେଜ ବେପାରୀ ଏହି ବନ୍ଦରରେ ପ୍ରଥମେ ପହଞ୍ଚିଥିଲେ । ଏହା ୧୬୦୦ ମସିହାର ଘଟଣା । ସେମାନେ ଗୋଟିଏ ଛୋଟିଆ ଜାହାଜରେ ଆସିଥିଲେ । ସେମାନଙ୍କର ଜଣେ କ୍ୟାପ୍‌ଟେନ୍ ଥିଲେ । ତାଙ୍କର ନାମ ହକନ୍‌ସ । ସେତେବେଳେ ଆମ ଦେଶରେ ମୋଗଲ ବାଦଶାହା ଶାସନ କରୁଥିଲେ । ତାଙ୍କର ନାମ ହେଉଛି ଜାହାଙ୍ଗୀର । ଇଂରେଜମାନଙ୍କର କ୍ୟାପ୍‌ଟେନ୍ ହକନ୍‌ସ ଜାହାଙ୍ଗୀରଙ୍କୁ ଭେଟିଥିଲେ । ଜାହାଙ୍ଗୀର ସେତେବେଳେ ଆଗ୍ରାରେ ରହୁଥିଲେ । ହକନସ୍ ସାହେବ ସମ୍ରାଟ ଜାହାଙ୍ଗୀରଙ୍କୁ ଖୁବ୍ ସମ୍ମାନ ଦେଖାଇଲେ । ସମ୍ରାଟ୍ ମଧ୍ୟ ହକନସ୍‌ଙ୍କୁ ଖୁବ୍ ଆଦର କଲେ । ହକନସ୍ ସମ୍ରାଟ୍‌ଙ୍କୁ ତାଙ୍କର ଇଚ୍ଛା ଜଣାଇଲେ । ଇଂରେଜମାନେ ଭାରତରେ ବେପାର ବଣିଜ କରିବେ, ସେଥିପାଇଁ ସମ୍ରାଟଙ୍କର ଅନୁମତି ଦରକାର । ଇଂରେଜମାନଙ୍କର ଏହି ପ୍ରାର୍ଥନାକୁ ସମ୍ରାଟ ଜାହାଙ୍ଗୀର ପୂରଣ କରିଥିଲେ । ଏହାପରେ ଭାରତରେ ରହି ବେପାର ବଣିଜ କରିବାକୁ ଇଂରେଜମାନଙ୍କୁ ଅନୁମତି ମିଳିଗଲା ।

ଇଂରେଜମାନେ ଏମିତି ଅବସ୍ଥାରେ ଆମ ଦେଶରେ ବେପାର ବଣିଜ ଆରମ୍ଭ କରିଦେଲେ । ପରେ ପରେ ସେମାନେ ପୁଣି ଭାରତବର୍ଷର ବିଭିନ୍ନ ଘାଟି ସ୍ଥାନମାନଙ୍କରେ ଗୋଦାମ ଘର ତୋଳିଥିଲେ । କାରଣ ବେପାର ଜିନିଷ ଜମା କରି ରଖିବା ପାଇଁ ଗୋଦାମ ଘର ନିହାତି ଦରକାର ପଡ଼ୁଥିଲା । ସେମାନେ ପ୍ରଥମେ ଅଳ୍ପ ଅଳ୍ପ ବେପାର କଲେ । ବେପାରରେ ସେମାନଙ୍କର କିନ୍ତୁ ବହୁତ ଲାଭ ହେଲା । ଦେଖୁ ଦେଖୁ ଇଷ୍ଟଇଣ୍ଡିଆ କମ୍ପାନୀ ଆମ ଦେଶରେ କ୍ରମେ କ୍ରମେ ବେପାର ବାଣିଜ୍ୟ ବଢ଼ାଇଲେ । ଆମ ଦେଶରେ ମୋଗଲ ଶାସନ କ୍ରମେ କ୍ରମେ ଦୁର୍ବଳ ହେଲା । ସମ୍ରାଟଙ୍କର ବଂଶଧରମାନଙ୍କ ମଧ୍ୟରେ କ୍ଷମତା ପାଇଁ ବରାବର ଲଢ଼େଇ ଚାଲିଥିଲା । ଦେଶରେ ସବୁଦା ଅଶାନ୍ତି, ବିଦ୍ରୋହ ଲାଗି ରହିଲା ।

ମୋଗଲ ରାଜତ୍ୱ ପରେ ଆମ ଦେଶରେ ମରହଟ୍ଟାମାନେ ମୁଣ୍ଡ-ଟେକି ଉଠିଥିଲେ । ମରହଟ୍ଟାମାନଙ୍କର ସେନାପତି ହେଉଛନ୍ତି ଶିବାଜୀ ।

Digitized by srujanika@gmail.com

ଶିବାଜୀ ଜଣେ ବୀର ପୁରୁଷ ଥିଲେ । ସେ ତାଙ୍କର ମରାଠୀ ସୈନ୍ୟମାନଙ୍କୁ ଏକାଠି କରିଥିଲେ । ସେମାନଙ୍କ ସାହାଯ୍ୟରେ ସେ ମୋଗଲ ଶାସକ-ମାନଙ୍କୁ ଯୁଦ୍ଧରେ ନାକେଦମ୍ କରି ଦେଇଥିଲେ । ଭାରତବର୍ଷର ବିଭିନ୍ନ ଅଞ୍ଚଳରେ ଶିବାଜୀଙ୍କର କ୍ଷମତା ବୃଦ୍ଧି ପାଇଥିଲା । ମୋଗଲ ସମ୍ରାଟ-ମାନଙ୍କର କ୍ଷମତା କମି ଆସିଥିଲା । ଆମ ଦେଶରେ ଅନେକ ଛୋଟ ଛୋଟ ରାଜ୍ୟ ଥିଲା । ସେଠାରେ ରାଜା ମହାରାଜାମାନେ ଶାସନ କରୁଥିଲେ । ସେମାନେ ନିଜ ନିଜ ମଧ୍ୟରେ ଯୁଦ୍ଧ କରୁଥିଲେ । ଯାହାର ସ୍ୱାର୍ଥରେ ବାଧା ପଡ଼ିଲା ସେ ଅଶାନ୍ତି ଆରମ୍ଭ କରି ଦେଉଥିଲା ।

ଇଂରେଜମାନେ ଆମ ଦେଶର ଶାସକ ହେଲେ

ଇଷ୍ଟଇଣ୍ଡିଆ କମ୍ପାନୀର ଇଂରେଜ କର୍ମଚାରୀମାନେ ଆମ୍ଭମାନଙ୍କ ମଧ୍ୟରେ କଳହ ଦେଖି ଫାଇଦା ଉଠାଇବା ପାଇଁ ଲାଗି ପଡ଼ିଲେ । ଆମର ରାଜା ମହାରାଜାଙ୍କୁ ଇଂରେଜମାନେ କୌଶଳରେ ହାତ କରିବାକୁ ଲାଗିଲେ । କେତେକ ରାଜା ଇଂରେଜମାନଙ୍କୁ ସାହାଯ୍ୟ କରୁଥିଲେ । ଆଉ କେତେକ ଇଂରେଜମାନଙ୍କୁ ବିରୋଧ କରୁଥିଲେ । ଦୁଇଜଣଙ୍କ ବିବାଦରେ ତୃତୀୟ ଜଣର ଲାଭହୁଏ । ଆମ ଦେଶର ବିଭିନ୍ନ ରାଜ୍ୟରେ ଏମିତି ଅଶାନ୍ତି ଲାଗି ରହିଥିଲା । ତେଣୁ ଇଂରେଜମାନେ ବେଳକାଳ ଜାଣି ଆମ ଦେଶର ଖଣ୍ଡେ ଖଣ୍ଡେ ରାଜ୍ୟ ଅଧିକାର କରିନେଲେ ।

ମରାଠା ଶକ୍ତି ମଧ୍ୟ କ୍ରମେ କ୍ରମେ ଦୁର୍ବଳ ହୋଇପଡ଼ିଲା । ଲର୍ଡ଼ କ୍ଲାଇଭ୍ ସେତେବେଳେ କଲିକତାରେ ରହୁଥିଲେ । ସେ ଇଷ୍ଟଇଣ୍ଡିଆ କମ୍ପାନୀରେ ଜଣେ ବଡ଼ କର୍ମଚାରୀ ଥିଲେ । ବଙ୍ଗଳାର ନବାବଙ୍କୁ ଯୁଦ୍ଧରେ ପରାସ୍ତ କରିଥିଲେ । ଦିନକୁଦିନ ଇଷ୍ଟଇଣ୍ଡିଆ କମ୍ପାନୀର ବାଣିଜ୍ୟ ବ୍ୟବସାୟ ବୃଦ୍ଧି ପାଉଥିଲା । କମ୍ପାନୀ କଲିକତା ଅଞ୍ଚଳରେ ବ୍ୟବସାୟ କରିବାର ସୁଯୋଗ ପାଇଲେ । ଏହା ଫଳରେ କମ୍ପାନୀ କଲିକତାର କେତେକ ଅଞ୍ଚଳରେ ସେମାନଙ୍କର ବାଣିଜ୍ୟ କୋଠି ତିଆରି କରିଥିଲେ । ତେଣେ ଇଂରେଜମାନେ ଦକ୍ଷିଣରେ ମାନ୍ଦ୍ରାଜ ଅଧିକାର କରିଥିଲେ । ଏବେ କଲିକତା ଅଧିକାର କଲେ । ଏମିତି କ୍ରମେ କ୍ରମେ ଇଂରେଜମାନେ ଭାରତବର୍ଷରେ ବିଭିନ୍ନ ଅଞ୍ଚଳରେ ସେମାନଙ୍କର କ୍ଷମତା ବିସ୍ତାର କରିଥିଲେ । ୧୮୦୩ ମସିହାରେ ଇଂରେଜମାନେ ଓଡ଼ିଶା ଅଧିକାର କରିଥିଲେ ।

Digitized by srujanika@gmail.com

ଇଂରେଜମାନେ କ୍ରମେ କ୍ରମେ ଆମ ଦେଶରେ ଶାସକ ପାଲଟି-ଗଲେ । ପ୍ରଥମେ ସେମାନେ ଖିନା ବେପାର କରୁଥିଲେ, ବର୍ତ୍ତମାନ ଆମ ଦେଶର ଶାସନ ପାଇଁ ଆଇନ ଜାରି କଲେ । ଜମି ଉପରେ ନୂଆ କର ଖଜଣା ଧାର୍ଯ୍ୟ କଲେ । ପୋଲିସ୍ ରଖିଲେ । ସୈନ୍ୟ ରଖିଲେ । ଦେଶରେ ଶାନ୍ତିଶୃଙ୍ଖଳା ରକ୍ଷା ନାମରେ ନୂଆ ନୂଆ ନିୟମ ଖଞ୍ଜିଲେ । ଅବଶ୍ୟ ଇଂରେଜମାନଙ୍କର ଶାସନକୁ ଆରମ୍ଭରୁ ଆମ ଦେଶର ଲୋକମାନେ ବିରୋଧ କରିଥିଲେ ।

ପ୍ରଥମେ ପ୍ରଥମେ ଓଡ଼ିଶାରେ ପାଇକମାନେ ଇଂରେଜମାନଙ୍କ ବିରୋଧରେ ବିଦ୍ରୋହ ଆରମ୍ଭ କରିଥିଲେ । କାରଣ ଓଡ଼ିଶାରେ ଖୋର୍ଦ୍ଧାର ଗଜପତି ମହାରାଜାଙ୍କର ପାଇକସେନା ଇଂରେଜଙ୍କର ଜୁଲୁମ ପସନ୍ଦ କରିନଥିଲେ । ସେମାନଙ୍କର ଖଜଣା-ନୀତିକୁ ବିରୋଧ କଲେ । ଇଂରେଜ-ମାନେ ଗଜପତିଙ୍କ ହାତରୁ କ୍ଷମତା କାଡ଼ିନେଲେ । ରାଜାଙ୍କର ମନ୍ତ୍ରୀ ଜୟୀ ରାଜଗୁରୁ ଇଂରେଜମାନଙ୍କ ପ୍ରସ୍ତାବରେ ରାଜିହେଲେ ନାହିଁ । ସେ ପାଇକମାନଙ୍କୁ ଧରି ବିଦ୍ରୋହ ଘୋଷଣା କଲେ ।

ଇଂରେଜମାନଙ୍କ ସହିତ ଖୋର୍ଦ୍ଧା, ପିପିଲି, କୁଜଙ୍ଗ ଏବଂ ଘୁମୁସର ପ୍ରଭୃତି ସ୍ଥାନରେ ପାଇକମାନଙ୍କର ଯୁଦ୍ଧ ହେଲା । ପାଇକମାନେ ଯୁଦ୍ଧରେ ପ୍ରଥମେ ପ୍ରଥମେ ଜିଣିଲେ । ମାତ୍ର ଇଂରେଜମାନଙ୍କ ହାତରେ ଥିଲା ଗୁଳିଗୋଳା ବନ୍ଧୁକ । ସେମାନଙ୍କର କୂଟକପଟ ନୀତି ମଧ୍ୟ ପ୍ରବଳ ଥିଲା । ଯୁଦ୍ଧରେ ବହୁତ ବିଦ୍ରୋହୀ ପାଇକ ସୈନ୍ୟ ପ୍ରାଣ ହରାଇଲେ । ଇଂରେଜ ସୈନ୍ୟ ମଧ୍ୟ କେତେକ ପ୍ରାଣ ହରାଇଲେ । ଇଂରେଜମାନେ ଜୟୀ ରାଜଗୁରୁଙ୍କୁ ଫାଶୀ ଦେଇଥିଲେ । ଜୟୀ ରାଜଗୁରୁଙ୍କର ଅପରାଧ କଅଣ ? ତାଙ୍କର ଅପରାଧ ସେ ଇଂରେଜ ଶାସନ ବିରୋଧରେ ବିଦ୍ରୋହ କରିଥିଲେ । ସେ ଜଣେ ସ୍ୱଦେଶଭକ୍ତ ବୀର ପୁରୁଷ ଥିଲେ ।

ଇଂରେଜ ଅମଳରେ ଆମର ଦୁଃଖ ବଢ଼ିଲା

ଇଂରେଜ ଶାସନରେ ଆମ ଦେଶର ଲୋକେ ବହୁତ କଷ୍ଟ ପାଇଲେ । ଆମର ଅର୍ଥନୀତି ବ୍ୟବସ୍ଥା ଭାଙ୍ଗି ପଡ଼ିଲା । ଗରିବ ଲୋକଙ୍କୁ ଟିକସ ଭାର ବଡ଼ ବାଧିଲା । ଦେଶରେ ଇଂରେଜ ଶିକ୍ଷା ପ୍ରଚଳିତ ହେଲା । ନୂଆ କରି ସ୍କୁଲ କଲେଜ ଖୋଲିଲା ସତ ମାତ୍ର ସାଧାରଣ ଲୋକଙ୍କର

Digitized by srujanika@gmail.com

ଭାଗ୍ୟ ଯେଉଁ ଅନ୍ଧାରରେ ସେହି ଅନ୍ଧାରରେ ରହିଲା । ସବୁଠାରୁ ସାଧାରଣ ଗରିବ ଲୋକଙ୍କର ବେଶୀ କ୍ଷତି ହେଲା । ଶାସନରେ ଆମର ଅଧିକାର କିଛି ରହିଲା ନାହିଁ । କାହିଁ କେତେ ଦୂରେ ବିଲାତ ଦେଶ, ସେଠାର ପାର୍ଲିଆମେଣ୍ଟ ଭାରତବର୍ଷର ଶାସନ ପାଇଁ ନିୟମ ପ୍ରଣୟନ କଲେ । ବିଲାତ ସରକାରଙ୍କ ପ୍ରତିନିଧି ଭାବରେ ଭାରତରେ ବଡ଼ଲାଟ ଶାସନ ଚଳାଇଲେ । ଏପରି କି ଆମର କହିବାର ଅଧିକାର ରହିଲା ନାହିଁ ।

ଆମ ଦେଶରେ ଗୋରା ଶାସକମାନେ ମଧ୍ୟ ଅତ୍ୟାଚାର କଲେ । ପାଟି ଫିଟାଇବାକୁ ଆମର ଶକ୍ତି ନଥିଲା । ଆମର ଟଙ୍କା ମାଟିରେ ଆମର ଅଧିକାର ନଥିଲା । ଦେଶରେ ଦୁର୍ଭିକ୍ଷ ପଡ଼ିଲେ ଲୋକେ ପୋକମାଛି ପରି ମରି ପଡ଼ୁଥିଲେ । ଆମ ଲୋକଙ୍କର ଦୁଃଖ ସରକାରଙ୍କୁ କିଏ ଅବା ଜଣାଇବ । ଆମ ଦେଶର ଯେଉଁ ନେତାମାନେ ଇଂରେଜ ସରକାରଙ୍କୁ ଲୋକଙ୍କ ଦୁଃଖ ଅଭାବ କଥା ଜଣାଇଲେ, ଇଂରେଜ ସରକାର ସେମାନଙ୍କୁ ମେଳିଆ ଏବଂ ବିଦ୍ରୋହୀ ବୋଲି ଦଣ୍ଡ ଦେଲେ ।

ଲୋକେ କେବେ କେମିତି ଇଂରେଜ ଶାସନ ବିରୋଧରେ ପ୍ରତିବାଦ କଲେ ଇଂରେଜ ସରକାର ସଙ୍ଗେ ସଙ୍ଗେ ସେମାନଙ୍କୁ ଶାସ୍ତି ଦେଉଥିଲେ । ଜେଲ୍ ଜୋରିମାନା ଦଣ୍ଡ ଦେଉଥିଲେ । ସାରା ଦେଶରେ ଏମିତି ଅଶାନ୍ତି ବ୍ୟାପି ଯାଇଥିଲା । ଲୋକମାନଙ୍କର ଅସନ୍ତୋଷ ବୃଦ୍ଧି ପାଇଥିଲା । ୧୮୫୭ ମସିହାରେ ଆମର ସିପାହୀମାନେ ବିଦ୍ରୋହ ଘୋଷଣା କଲେ । ତାକୁ ସିପାହୀ ବିଦ୍ରୋହ କହନ୍ତି । ମଙ୍ଗଳ ପାଣ୍ଡେ ସିପାହୀମାନଙ୍କର ନେତୃତ୍ୱ ନେଇଥିଲେ । ମଙ୍ଗଳ ପାଣ୍ଡେଙ୍କୁ ଇଂରେଜ ସରକାର ରାଜଦ୍ରୋହୀ ବୋଲି ଘୋଷଣା କଲେ । ବିଚାରରେ ତାଙ୍କୁ ଫାଶୀଦଣ୍ଡ ମିଳିଥିଲା । ଦେଶପାଇଁ ଆତ୍ମବଳି ଦେଇ ମଙ୍ଗଳପାଣ୍ଡେ ଅମର ହେଲେ । ରାଣୀ ଲକ୍ଷ୍ମୀବାଈ ମଧ୍ୟ ଗୋରା ସିପାହୀମାନଙ୍କ ସହିତ ଯୁଦ୍ଧ କରିଥିଲେ ।

ଦେଶରେ ଜାତୀୟ କଂଗ୍ରେସ ଗଠିତ ହେଲା

୧୮୮୫ ମସିହାରେ ଆମ ଦେଶରେ ଜାତୀୟ କଂଗ୍ରେସ ଗଠିତ ହେଲା । ଏହାକୁ ଆରମ୍ଭ କରିଥିଲେ ଜଣେ ଇଂରେଜ କର୍ମଚାରୀ ।

Digitized by srujanika@gmail.com

ସେତେବେଳେ ତାଙ୍କର ଲକ୍ଷ୍ୟ ଥିଲା, ଭାରତର ଲୋକମାନଙ୍କୁ ଏକଜୁଟ କରିବା ଏବଂ ସେମାନଙ୍କର ଆପତ୍ତି ଅଭିଯୋଗ ଇଂରେଜ ସରକାରଙ୍କୁ ଜଣାଇଦେବା । ଏମିତି କଲେ ଭାରତର ଜନସାଧାରଣଙ୍କର ଦାବି ପ୍ରତି ଇଂରେଜ ସରକାରଙ୍କର ଦୃଷ୍ଟି ପଡ଼ିବ । ସେମାନେ ଭାବିଥିଲେ ଭାରତର ଜନସାଧାରଣ ଇଂରେଜ ସରକାରଙ୍କୁ ବିରୋଧ କରିବେ ନାହିଁ । ମାତ୍ର କାର୍ଯ୍ୟରେ ଅନ୍ୟ ପ୍ରକାର ଘଟିଥିଲା ।

ପ୍ରଥମେ ଜାତୀୟ କଂଗ୍ରେସରେ ଆମ ଦେଶର ବହୁ ଶିକ୍ଷିତ ପାଠପଢ଼ୁଆ ଯୁବକ ଯୋଗ ଦେଇଥିଲେ । ସେମାନଙ୍କ ସହିତ ମଧ୍ୟ ଓକିଲ, ଶିକ୍ଷକ, ସାହିତ୍ୟିକମାନେ ଯୋଗ ଦେଇଥିଲେ । ଜନ୍ମଭୂମି ପାଇଁ ସେମାନଙ୍କର ଯଥେଷ୍ଟ ସମ୍ମାନ ଏବଂ ଭକ୍ତି ଥିଲା । ସୁରେନ୍ଦ୍ରନାଥ ବାନାର୍ଜି, ଗୋପାଳକୃଷ୍ଣ ଗୋଖଲେ, ଫିରୋଜ ସାହା ମେହେଟ୍ଟା ପ୍ରଭୃତି ନେତା କଂଗ୍ରେସରେ ଯୋଗ ଦେଲେ । ରାଜା ରାମମୋହନ ରାୟ, ସ୍ୱାମୀ ଦୟାନନ୍ଦ ସରସ୍ୱତୀ, ସ୍ୱାମୀ ବିବେକାନନ୍ଦ, ଆନିବେଶାନ୍ତ ପ୍ରଭୃତି ମନୀଷୀମାନେ ଆମ ଦେଶର ଜନସାଧାରଣଙ୍କ ମଧ୍ୟରେ ନୂଆ ନୂଆ ଚିନ୍ତାଧାରା ପ୍ରଚାର କରିଥିଲେ ।

ଇଂରେଜ ଶାସନର ପ୍ରତିବାଦ କରି ସମଗ୍ର ଭାରତବର୍ଷ ଏକାଠି ହୋଇଥିଲା । ଇଂରେଜମାନେ ଅବଶ୍ୟ ରେଲ୍‌ସେବା, ଡାକସେବା, ପୋଲିସ ବିଭାଗ ବ୍ୟବସ୍ଥା କରିଥିଲେ, ହେଲେ କ'ଣ ହେବ ଇଂରେଜ-ମାନେ ଆମକୁ ପରାଧୀନ କରି ରଖିଥିଲେ । ଲାଲା ଲଜପତରାୟ, ବିପିନଚନ୍ଦ୍ର ପାଲ୍, ଅରବିନ୍ଦ ଘୋଷ, ଦାଦାଭାଇ ନାରୋଜି, ବାଳ ଗଙ୍ଗାଧର ତିଳକ ପ୍ରଭୃତି ନେତାମାନେ ଦେଶକୁ ସ୍ୱାଧୀନ କରିବା ପାଇଁ ଚିନ୍ତା କଲେ ।

ଲାଲା ଲଜପତରାୟ ପଞ୍ଜାବରେ ଜନ୍ମ ହୋଇଥିଲେ । ବାଳ ଗଙ୍ଗାଧର ତିଳକ ମହାରାଷ୍ଟ୍ରରେ ଜନ୍ମ ହୋଇଥିଲେ । ଅରବିନ୍ଦ ଘୋଷ ବଙ୍ଗଳାରେ ଜନ୍ମ ହୋଇଥିଲେ । ବିପିନଚନ୍ଦ୍ର ପାଲ୍ ମଧ୍ୟ ବଙ୍ଗଳାର ଅଧିବାସୀ । ଭାରତମାତାର ଦୁଃଖ ଦୁର୍ଦ୍ଦଶାରେ ଏହି ନେତାମାନେ ଚିନ୍ତିତ ହୋଇଥିଲେ । ସେଥିପାଇଁ ସମସ୍ତେ 'କଂଗ୍ରେସ'ରେ ଯୋଗ ଦେଇଥିଲେ ।

Digitized by srujanika@gmail.com

ଭାରତୀୟ ଜାତୀୟ କଂଗ୍ରେସର ପ୍ରଥମ ସଭା ବମ୍ବେଠାରେ ୧୮୮୫ ମସିହା ଡିସେମ୍ବର ମାସରେ ବସିଥିଲା । ଶ୍ରୀଯୁକ୍ତ ଉମେଶଚନ୍ଦ୍ର ବାନାର୍ଜି ଏହି ସଭାରେ ସଭାପତିତ୍ୱ କରିଥିଲେ । ଏହାପରେ ପ୍ରତିବର୍ଷ ଭାରତର ବିଭିନ୍ନ ରାଜ୍ୟରେ କଂଗ୍ରେସର ଅଧିବେଶନ ବସୁଥିଲା । କ୍ରମେ କ୍ରମେ 'କଂଗ୍ରେସ' ଭାରତୀୟ ଜନସାଧାରଣଙ୍କ ମଧ୍ୟରେ ଆଦର ଲାଭ କରିଥିଲା । କଂଗ୍ରେସର ଆଦର୍ଶ ଲୋକମାନଙ୍କୁ ଏକାଠି କରିଥିଲା । କଂଗ୍ରେସର ପ୍ରଚାର ଫଳରେ ଲୋକମାନଙ୍କର ରାଜନୈତିକ ଚେତନା ବୃଦ୍ଧି ପାଇଥିଲା । ସମଗ୍ର ଦେଶରେ ଶିକ୍ଷା ଏବଂ ସଂସ୍କୃତି କ୍ଷେତ୍ରରେ ଜାଗରଣ ଦେଖାଦେଲା ଏବଂ ରାଜନୀତି କ୍ଷେତ୍ରରେ ଜନସାଧାରଣ ଉଦ୍‌ବୁଦ୍ଧ ହେଲେ । କଂଗ୍ରେସର କାର୍ଯ୍ୟକଳାପ ଦେଖି ଇଂରେଜ ସରକାର ଦିନକୁଦିନ ପ୍ରମାଦ ଗଣିଲେ ।

ଇଂରେଜ ସରକାରଙ୍କ ମନରେ ଚିନ୍ତା ପଶିଲା । ସେମାନେ ଅନୁଭବ କଲେ ଯେ ଭାରତର ଲୋକଙ୍କୁ ଶାସନ କରିବାକୁ ହେଲେ, ସେମାନଙ୍କ ଅଭାବ ଅସୁବିଧା ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ । ଶାସନ ବ୍ୟବସ୍ଥାରେ କେତେକ ପରିବର୍ତ୍ତନ କରାଯିବା ଉଚିତ । ଇଂରେଜମାନେ ଭାବିଥିଲେ ଯେ ଭାରତୀୟମାନଙ୍କ ମଧ୍ୟରେ କଳହ ଲଗାଇ ବେଶିଦିନ ଶାସନ କରିବା ସହଜ । ତେଣୁ ୧୯୦୫ ମସିହା ବେଳକୁ ଇଂରେଜ ବଡ଼ଲାଟ ବଙ୍ଗଳା ପ୍ରଦେଶକୁ ଭାଗ ଭାଗ କରିବାକୁ ହୁକୁମନାମା ଜାରି କଲେ । ବଙ୍ଗଳାର ଲୋକେ ଏହା ବିରୋଧରେ ଆନ୍ଦୋଳନ କଲେ । ସାରା ଭାରତବର୍ଷର ଲୋକମାନେ ବଡ଼ଲାଟଙ୍କର ଏହି ପ୍ରସ୍ତାବକୁ ନିନ୍ଦା କଲେ ।

'ସ୍ୱରାଜ୍ୟ' ଆମର ଜନ୍ମଗତ ଅଧିକାର

ଭାରତବର୍ଷର ନେତାମାନେ ଇଂରେଜ ବଡ଼ଲାଟଙ୍କ ମନମୁଖୀ ଶାସନ ନୀତି ବିରୋଧରେ ପ୍ରତିବାଦ କଲେ । ଶେଷରେ ଇଂରେଜ ସରକାର ବାଧ୍ୟହୋଇ ବଙ୍ଗଳାକୁ ଭାଗ ଭାଗ କରିବା ପ୍ରସ୍ତାବ ରଦ୍ଧ କରିଥିଲେ । ଏହାକୁ ବଙ୍ଗ-ଭଙ୍ଗ ଆନ୍ଦୋଳନ କୁହାଯାଏ । 'ବନ୍ଦେମାତରମ୍' ଧ୍ୱନି ଦେଇ ସହର, ମଫସଲ ସବୁଠି ନେତାମାନେ ସେତେବେଳେ ଇଂରେଜ ଶାସନ ବିରୋଧରେ ସଭା ସମିତି କରିଥିଲେ । ଇଂରେଜ ସରକାର ବିନା

Digitized by srujanika@gmail.com

କାରଣରେ ନେତାମାନଙ୍କୁ ବନ୍ଦୀ କରି ରଖୁଥିଲେ । ବାଳ ଗଙ୍ଗାଧର ତିଳକ ଗୋଟିଏ ସଭାରେ ଘୋଷଣା କରିଥିଲେ, "ସ୍ୱରାଜ୍ୟ ଆମର ଜନ୍ମଗତ ଅଧିକାର" ଏବଂ ସ୍ୱରାଜ୍ୟ ପାଇଁ ଆମେ ସଂଗ୍ରାମ କରିବାକୁ ପ୍ରସ୍ତୁତ । ତିଳକ 'କେଶରୀ' ନାମକ ପତ୍ରିକାରେ ଇଂରେଜ ଶାସନର କଡ଼ା ସମାଲୋଚନା କରିଥିଲେ । ଇଂରେଜ ଶାସକମାନେ କିନ୍ତୁ ଜିଦ୍‌ଖୋର ମନୋବୃତ୍ତି ଦେଖାଇଥିଲେ । ଦେଶର ଏମିତି ସଙ୍କଟସନ୍ଧି ସମୟରେ ୧୯୧୫ ମସିହା ବେଳକୁ ମୋହନ ଦାସ କରମଚାନ୍ଦ ଗାନ୍ଧୀ ନାମକ ଜଣେ ବ୍ୟକ୍ତି ଜାତୀୟ କଂଗ୍ରେସରେ ଯୋଗଦେଲେ । ସେ ଏହା ପୂର୍ବରୁ ଦକ୍ଷିଣ ଆଫ୍ରିକାରେ ଓକିଲାତି କରିବାକୁ ଯାଇଥିଲେ । ସେଠାରେ ଭାରତୀୟମାନଙ୍କର ସ୍ୱାର୍ଥରକ୍ଷା ପାଇଁ ସେ ଆନ୍ଦୋଳନ ଚଳାଇଥିଲେ । ତାଙ୍କ ଆନ୍ଦୋଳନର ମୂଳମନ୍ତ୍ର ଥିଲା ସତ୍ୟାଗ୍ରହ । ଦକ୍ଷିଣ ଆଫ୍ରିକାରେ ସେ ସୁନାମ ଅର୍ଜନ କରିଥିଲେ । ୧୮୬୯ ମସିହା ଅକ୍ଟୋବର ମାସ ୨ ତାରିଖରେ ଗୁଜୁରାଟର ପୋରବନ୍ଦରଠାରେ ଗାନ୍ଧୀଙ୍କର ଜନ୍ମ । ନିଜର ଜନ୍ମମାଟିକୁ ଫେରି ସେ ଦେଶବାସୀଙ୍କର ସେବାରେ ନିଜକୁ ଉତ୍ସର୍ଗ କରିଥିଲେ ।

ଭାରତବର୍ଷରେ ଇଂରେଜ ଶାସନର ସେ ବିରୋଧ କଲେ । ଇଂରେଜ ଶାସକମାନଙ୍କର ଟିକସ-ଆଦାୟ, ପୋଲିସ ଅତ୍ୟାଚାର ତାଙ୍କୁ ବଡ଼ ବାଧିଥିଲା । ଭାରତରେ କାହିଁକି ବିଦେଶୀମାନେ ଶାସନ କରିବେ ? ଏହି ଚିନ୍ତା ତାଙ୍କ ମୁଣ୍ଡରେ ପଶିଲା । ଆମ ଦେଶର କୃଷୀମାନେ ଦିନରାତି ମୁଣ୍ଡଝାଳ ତୁଣ୍ଡରେ ମାରି ଖଟିବେ, କିନ୍ତୁ ସେମାନଙ୍କୁ ପେଟପୂରା ଗଣ୍ଡେ ଖାଇବାକୁ ମିଳିବ ନାହିଁ । ପିଠିକି କନା ଖଣ୍ଡେ ମିଳିବ ନାହିଁ । ବୋଝ ଉପରେ ପୁଣି ନଳିତାବିଡ଼ା । ଗରିବ କୃଷୀଙ୍କ ଉପରେ ମନଇଚ୍ଛା ଖଜଣା ଧାର୍ଯ୍ୟ ହେଉଥିଲା ।

ଆମ ଦେଶର ଲୁଗା ବୁଣାଳିମାନେ ବିଲାତର ଗୋରାବେପାରୀଙ୍କୁ ଲୁଗାପଟା ବିକିବା ପାଇଁ ବାଧ୍ୟ ହେଉଥିଲେ । ଗୋରା ବେପାରୀମାନେ ଅଳ୍ପ ଦରରେ ଆମ ଭାରତବର୍ଷରୁ ଜିନିଷପତ୍ର କିଣୁଥିଲେ । ଖାଲି କୃଷୀ କିମ୍ବା ଲୁଗା ବୁଣାଳି ନୁହନ୍ତି, ସବୁ ଶ୍ରେଣୀର ଲୋକଙ୍କୁ ଗୋରା ବେପାରୀମାନେ ଲୁଟି କରୁଥିଲେ । ଏଥିପାଇଁ ମାଳକୃଷୀମାନଙ୍କର ଦୁଃଖ

Digitized by srujanika@gmail.com

ଦୁର୍ଦ୍ଦଶା କରୁଥିଲେ ନ ସରେ । ନୀଳ ଗଛରୁ ଏକପ୍ରକାର ଦ୍ରବ୍ୟ ମିଳେ । ସେହି ଦ୍ରବ୍ୟ ଖୁବ୍ ମୂଲ୍ୟବାନ; କାରଣ ସେଥିରେ ଲୁଗା ରଙ୍ଗ ହୁଏ ।

ଇଂରେଜମାନେ ନୀଳ ଚାଷକୁ ଏକଚାଟିଆ ବେପାର କରିଥିଲେ । ସେମାନଙ୍କ ବିନା ଅନୁମତିରେ ଆମ ଚାଷୀମାନେ ନୀଳଚାଷ ଏବଂ ନୀଳ କାରବାର କରିପାରୁ ନଥିଲେ । ପୁଣି କେବେ କେମିତି ଚାଷୀମାନଙ୍କୁ ନୀଳ-ଚାଷ କରିବାକୁ ଗୋରା ବେପାରୀମାନେ ବାଧ୍ୟ କରୁଥିଲେ । ଚାଷୀମାନେ ସେହି ନୀଳରଙ୍ଗକୁ ଶସ୍ତାରେ କେବଳ ଗୋରା ବେପାରୀମାନଙ୍କୁ ବିକିବା ପାଇଁ ବାଧ୍ୟ ହେଉଥିଲେ । ଦେଶର ରାଜାମହାରାଜାମାନେ ମଧ୍ୟ ଇଂରେଜ ସରକାରଙ୍କୁ ଭୟ କରୁଥିଲେ । ପ୍ରଥମେ ପ୍ରଥମେ ଇଷ୍ଟଇଣ୍ଡିଆ କମ୍ପାନି ନାନା କଳ-କୌଶଳରେ ଲୋକଙ୍କୁ ଠକୁଥିଲେ । କମ୍ପାନି ଶାସନ ପରେ ଖୋଦ୍ ବିଲାତ ସରକାର ଭାରତବର୍ଷକୁ ଶାସନ କଲେ । ସେତେ-ବେଳେ ମଧ୍ୟ ଆମ ଲୋକଙ୍କର ଦୁଃଖ ଆହୁରି ବଢ଼ିଗଲା । ଦେଶର ଶାସନ ବ୍ୟବସ୍ଥାରେ ଆମ ଲୋକଙ୍କର କୌଣସି ଅଧିକାର ରହିଲା ନାହିଁ ।

ଗାନ୍ଧୀ କଂଗ୍ରେସରେ ଯୋଗଦେଲେ । ସେ କନ୍ତୁ ଏକ ନୂଆ ଢଙ୍ଗରେ ଆନ୍ଦୋଳନ ଆରମ୍ଭ କଲେ । ସେ ଇଂରେଜ ଲୋକଙ୍କର ମତଗତି ବେଶ୍ ବୁଝିପାରିଥିଲେ । ସେଥିପାଇଁ ଗାନ୍ଧୀ ବିହାରର ଚମ୍ପାରଣ ଜିଲ୍ଲାର ନୀଳ ଚାଷୀଙ୍କ ପାଇଁ ଆନ୍ଦୋଳନ କରିଥିଲେ । ଅହମଦାବାଦ ଠାରେ ଶ୍ରମିକମାନଙ୍କ ସପକ୍ଷରେ ଲଢ଼ିଥିଲେ । ସେ ଇଂରେଜ ସରକାରଙ୍କ ନିକଟରେ ଆପତ୍ତି କଲେ ।

ସେ ଯୁକ୍ତି କରିଥିଲେ ଆମ ଦେଶର ଶାସନ ପାଇଁ ଆମ ଲୋକଙ୍କ ହାତରେ କ୍ଷମତା ରହିବା ଉଚିତ । ଆମ ଦେଶର ଶାସନରେ ଆମର ଲୋକଙ୍କର ପ୍ରତିନିଧି ରହିବା ଉଚିତ । ଜାଣିପୂ କଂଗ୍ରେସର ଏମିତି ଦାବି ଦେଖି ଇଂରେଜ ସରକାର ଆମକୁ ଶାସନରେ ଦାୟିତ୍ୱ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ପ୍ରକୃତରେ ଭାରତବାସୀଙ୍କୁ କ୍ଷମତା ଦେବା-ପାଇଁ ସେମାନଙ୍କର ଇଚ୍ଛା ନଥିଲା । ଯେଉଁ ନେତାମାନେ ଇଂରେଜ-ଶାସନକୁ ସମାଲୋଚନା କରୁଥିଲେ, ସେମାନଙ୍କୁ ଜେଲ୍‌ରେ ଭର୍ତ୍ତି କରି

Digitized by srujanika@gmail.com

ଦେଇଥିଲେ । ଗାନ୍ଧୀଙ୍କୁ ମଧ୍ୟ ଜେଲ୍ ଯିବାକୁ ପଡ଼ିଲା । ଆମ ନେତାମାନେ ବାରମ୍ବାର ଆନ୍ଦୋଳନ ଏବଂ ଦାବି କରି ଚାଲିଥିଲେ ।

ଇଂରେଜ ଶାସନରେ ଜାଲିଆନାବାଗ୍ ହତ୍ୟାକାଣ୍ଡ

ଇଂରେଜ ସରକାର ବାଧ୍ୟ ହୋଇ ଆମକୁ ଶାସନରେ କେତେକ କ୍ଷମତା ଦେବା ପାଇଁ ଘୋଷଣା କଲେ । ଏହା ୧୯୧୭ ମସିହାବେଳର ଘଟଣା । ଇଂରେଜସରକାର ଶାସନ ସଂସ୍କାର ମାତ୍ର ଘୋଷଣା ସିନା କଲେ; ମାତ୍ର ଆମ ଦେଶର ଲୋକଙ୍କୁ କହିବାର, ଲେଖିବାର ଅଧିକାର ମିଳିଲା ନାହିଁ । ଇଂରେଜ ସରକାର ଆଇନ କଟକଣା ଉଠାଇ ଦେବା ଦୂରେ ଥାଉ, ସେସବୁ ଆଇନକୁ କଡ଼ାକଡ଼ି ଭାବରେ ପ୍ରୟୋଗ କଲେ । ସେଥିପାଇଁ ଇଂରେଜ ସରକାର ରାଓଲାଟ-ଆଇନ ଜାରି କଲେ । ଫଳରେ ଲୋକେ ଏହି କଳା ଆଇନ ବିରୋଧରେ ସଭାସମିତିରେ ଜୋର୍ ପ୍ରତିବାଦ କଲେ । ଏହି ପ୍ରତିବାଦର ଧ୍ୱନି ପଞ୍ଜାବ ପ୍ରଦେଶରେ କମ୍ପି ଉଠିଲା ।

୧୯୧୯ ମସିହା ଏପ୍ରିଲମାସ ୧୩ ତାରିଖ । ପଞ୍ଜାବର ଜାଲିଆନା-ଓ୍ୱାଲା ବାଗ୍‌ରେ ପ୍ରାୟ କୋଡ଼ିଏ ହଜାର ଲୋକ ରୁଣ୍ଡ ହୋଇଥିଲେ । ସେହି ଦିନଟି ପବିତ୍ର ବୈଶାଖୀ ପର୍ବର ସମୟ । ସଭାରେ ନେତାମାନେ ସରକାରଙ୍କ କଠୋର ଦମନମୂଳକ ଆଇନ ବିରୋଧରେ ଭାଷଣ ଦେବା କଥା । ଲୋକମାନେ ଅପେକ୍ଷା କରିଥାନ୍ତି । ଏହି ସମୟରେ ଜଣେ ଇଂରେଜ ଅଫିସର ତାଙ୍କର ସୈନ୍ୟମାନଙ୍କୁ ଧରି ସେଠାରେ ହାଜର ହୋଇଗଲେ । ତାଙ୍କର ପ୍ରତିଜ୍ଞା, ସେ ଲୋକମାନଙ୍କୁ ଗୋଟାଏ ଶିକ୍ଷା ଦେବେ । ସେଥିପାଇଁ ସେ ଲୋକମାନଙ୍କୁ ସତର୍କ ମଧ୍ୟ କରି ନ ଥିଲେ ଏବଂ ଗୁଳି ଫାଏର କରିବା ପାଇଁ ସୈନ୍ୟମାନଙ୍କୁ ହୁକୁମ ଦେଲେ । ଏମିତି ଅବସ୍ଥାରେ ଶହ ଶହ ଲୋକ ସେଠାରେ ସୈନ୍ୟମାନଙ୍କ ଗୁଳିରେ ଟଳି ପଡ଼ିଥିଲେ । ଜାଲିଆନାବାଗ୍ ମାଟି ନିରୀହ ଲୋକଙ୍କ ରକ୍ତରେ ଲାଲ୍ ହୋଇ ଉଠିଲା । ସେହି ଅଫିସରଙ୍କ ନାମ ହେଉଛି ଜେନେରାଲ ଡାଏର୍ । କି ପ୍ରକାର ନିଷ୍ଠୁର ସ୍ୱଭାବର ଲୋକ !

ଜାଲିଆନାବାଗ୍ ହତ୍ୟାକାଣ୍ଡ ଇଂରେଜ ସରକାରଙ୍କର ମୁଖା ଖୋଲିଦେଲା । ଏହି ହତ୍ୟାକାଣ୍ଡରେ ସାରା ଭାରତବର୍ଷ ଥରହର

Digitized by srujanika@gmail.com

ହୋଇଗଲା । ଏହି ହତ୍ୟାକାଣ୍ଡ ଭାରତରେ ଇଂରେଜଶାସନର ଏକ କଳଙ୍କମୟ ଘଟଣା । ଇଂରେଜ ଅଫିସରଙ୍କର ଏହି ଜଘନ୍ୟ ହିଂସାକାଣ୍ଡ ଯୋଗୁଁ ସାରା ଭାରତବର୍ଷରେ ଲୋକ ଉତ୍ତ୍ୟକ୍ତ ହୋଇ ଉଠିଥିଲେ । ସବୁଠାରେ ହିଂସା ବଦଳରେ ହିଂସା ପାଇଁ ଡାକରା ଶୁଣାଗଲା । ମାତ୍ର ଗାନ୍ଧୀ ଲୋକମାନଙ୍କୁ ଶାନ୍ତ ଏବଂ ଧୀରସ୍ଥିର ଭାବରେ ପ୍ରତିବାଦ ଜଣାଇବାକୁ ପରାମର୍ଶ ଦେଲେ । କାରଣ ଗାନ୍ଧୀଙ୍କର ମତ ହେଲା ଅହିଂସା ।

ବର୍ଦ୍ଦୋଲିରେ କୃଷୀମାନଙ୍କ ଆନ୍ଦୋଳନ

ଗାନ୍ଧୀ ପୁଣି ୧୯୨୨ ମସିହାରେ ଗୁଜୁରାଟର ବର୍ଦ୍ଦୋଲିଠାରେ ସତ୍ୟାଗ୍ରହ କରିବାକୁ ସ୍ଥିର କରିଥିଲେ । ତାଙ୍କ ମତରେ ସେଠାରେ ଶାନ୍ତିପୂର୍ଣ୍ଣ ଭାବରେ କୃଷୀମାନେ ଆଇନ ଅମାନ୍ୟ କରିବେ । ଏହି ସମୟରେ ଉତ୍ତର ପ୍ରଦେଶରେ ଚଉରୀଚଉରାଠାରେ କେତେ ଲୋକ ଗୋଟିଏ ହିଂସାକାଣ୍ଡ ଘଟାଇଥିଲେ । ପୋଲିସ ଲୋକଙ୍କ ଉପରେ ଗୁଳି ଚଳାଇଥିଲେ । ଲୋକେ କ୍ରୋଧରେ ପୋଲିସ ଥାନାରେ ନିଆଁ ଲଗାଇ ଦେଲେ । କେତେ ପୋଲିସ ନିଆଁରେ ପୋଡ଼ି ମଲେ । ଏହି ଘଟଣାରେ ଗାନ୍ଧୀ ବଡ଼ ଦୁଃଖିତ ହୋଇଥିଲେ । ଗାନ୍ଧୀ କହିଥିଲେ, "ହିଂସା କରିବା ପାପ ଏବଂ ଅହିଂସା ହେଉଛି ଆମ ସ୍ୱାଧୀନତା ଲଢ଼େଇର ପ୍ରକୃତ ମାର୍ଗ । ହିଂସା ଅପେକ୍ଷା ଅହିଂସା ହେଉଛି ଅଧିକ ଶକ୍ତିଶାଳୀ ।"

ପୁଣି ୧୯୨୮ ମସିହା ବେଳକୁ ଇଂରେଜ ସରକାର ବର୍ଦ୍ଦୋଲିଠାରେ କୃଷୀମାନଙ୍କ ଜମି ଉପରେ ଅଧିକ ଖଜଣା ଲଗୁ କଲେ । ବଲ୍ଲଭଭାଇ ପଟେଲ ଜଣେ ଓକିଲ ଭାବରେ ସେତେବେଳେ ସେହି ଅଞ୍ଚଳରେ ସୁନାମ ଅର୍ଜନ କରିଥିଲେ । ସେ କୃଷୀମାନଙ୍କୁ ଅଧିକ ଖଜଣା ନ ଦେବା ପାଇଁ ମତାଇଲେ । ଇଂରେଜ ସରକାର କୃଷୀମାନଙ୍କର ଆନ୍ଦୋଳନକୁ ଦମନ କରିଥିଲେ । ମାତ୍ର ଗାନ୍ଧୀ ଏବଂ ପଟେଲ ହାତ ମିଳାଇଥିଲେ । ସେମାନଙ୍କ ପରାମର୍ଶରେ କୃଷୀମାନେ ଜୋର୍‌ସୋର୍‌ରେ ଆନ୍ଦୋଳନ ଚଳାଇଲେ । ଶେଷରେ ଇଂରେଜ ସରକାର କୃଷୀମାନଙ୍କ ପାଖରେ ହାର୍ ମାନିଥିଲେ ।

Digitized by srujanika@gmail.com

ଏହି ସମୟରେ ମୋତିଲାଲ ନେହେରୁ ପ୍ରଭୃତି ନେତାମାନେ ସ୍ୱରାଜ ପାର୍ଟି ଗଢ଼ିଥିଲେ । ନେତାମାନେ ଭାବିଥିଲେ ଇଂରେଜ ସରକାରଙ୍କର ମତିଗତି ବଦଳିବ ମାତ୍ର ପ୍ରକୃତରେ ଇଂରେଜମାନେ ଭାରତବାସୀଙ୍କୁ ନ୍ୟାୟ ଦେବା ପାଇଁ ଇଚ୍ଛୁକ ନଥିଲେ ।

ଆମର ନେତାମାନେ ଅନୁଭବ କଲେ ଯେ ଆମକୁ ଇଂରେଜ ସରକାର ସ୍ୱାଧୀନତା ଦେବେ ନାହିଁ । ସାରା ଭାରତବର୍ଷର ବିଭିନ୍ନ ପ୍ରଦେଶରେ ଗସ୍ତକରି ଗାନ୍ଧୀ ଲୋକମାନଙ୍କୁ ବୁଝାଇଲେ, ସ୍ୱାଧୀନତା ପାଇଁ ଲଢ଼େଇ କରିବାକୁ ପଡ଼ିବ । ଏହି ଲଢ଼େଇ ଗୁଳିଗୋଳା ବନ୍ଧୁକର ଲଢ଼େଇ ନୁହେଁ । ଏହି ଲଢ଼େଇର ପ୍ରକୃତ ପନ୍ଥା ହେଉଛି ଅହିଂସା, ଅସହଯୋଗ ଏବଂ ସତ୍ୟାଗ୍ରହ । ଆମ ଦେଶର ଲୋକେ ବଡ଼ ଗରିବ । ଲୋକେ ଅରଟରେ ସୂତା କାଟିବେ, ସେହି ସୂତାରେ ଲୁଗା ବୁଣିବେ । ସେହି ଖଦଡ଼ ଲୁଗା ଲୋକେ ପିନ୍ଧିବେ । ଆମର ଗ୍ରାମର ଅର୍ଥନୀତିକୁ ସୁଧାରିବା ପାଇଁ କୁଟୀର ଶିଳ୍ପ ଦରକାର । ଗାନ୍ଧୀଙ୍କର ଆଦର୍ଶ ଏବଂ ବାର୍ତ୍ତା ସାରା ଦେଶରେ ଚହଳ ପକେଇଦେଲା । ଗାନ୍ଧୀଙ୍କୁ ଆମ ଦେଶର ଲୋକେ ଖୁବ୍ ଭଲପାଉଥିଲେ । ତାଙ୍କର ଚିନ୍ତା ଏବଂ ଆଦର୍ଶ କଂଗ୍ରେସକୁ ଦୃଢ଼ କରିଥିଲା । ନେତାମାନେ ମଧ୍ୟ ଗାନ୍ଧୀଙ୍କୁ ଖୁବ୍ ମାନୁଥିଲେ । କ୍ରମେ କ୍ରମେ ଭାରତବର୍ଷରେ ସ୍ୱାଧୀନତା ସଂଗ୍ରାମର ପ୍ରବଳ ଝଡ଼ ବହିଥିଲା ।

ଇଂରେଜ ସରକାର ଏହି ସମୟରେ ଗୋଟିଏ କମିସନ୍ ବସାଇଲେ । ତାହାର ନାମ ସାଇମନ୍ କମିସନ୍ । ସାଇମନ୍ କମିସନ୍‌ର ଉଦ୍ଦେଶ୍ୟ ହେଲା, ସେହି କମିସନ୍ ପରୀକ୍ଷା କରି ଦେଖିବ ଭାରତବାସୀ ନିଜକୁ ଶାସନ କରିବା ପାଇଁ କେତେଦୂର ଯୋଗ୍ୟ ହେଲେଣି । ୧୯୨୮ ମସିହାରେ ସାଇମନ୍ କମିସନ୍ ଭାରତକୁ ଆସିଥିଲେ, ମାତ୍ର ଗାନ୍ଧୀଙ୍କ ନିର୍ଦ୍ଦେଶରେ ଦେଶବାସୀ ସାଇମନ୍ କମିସନ୍‌କୁ ପ୍ରତ୍ୟାଖ୍ୟାନ କଲେ ।

କମିସନ୍ ଯେଉଁଆଡ଼େ ଗଲେ ଲୋକେ ତାଙ୍କୁ ବିରୋଧ କଲେ । ଏହି ସମୟରେ ଗୋଟିଏ ପ୍ରତିବାଦ ସଭା ହୋଇଥିଲା । ଲାଲ୍ ଲଜପତ୍-

Digitized by srujanika@gmail.com

ସଭା ସଭାରେ ଭାଷଣ ଦେଇଥିଲେ । ପୋଲିସର ଲଠିମାଡ଼ରେ ତାଙ୍କର ମୃତ୍ୟୁ ହୋଇଥିଲା ।

ଲାହୋରଠାରେ କଂଗ୍ରେସର ଅଧିବେଶନ

୧୯୨୯ ମସିହାର ଘଟଣା । ଲାହୋରଠାରେ କଂଗ୍ରେସର ବାର୍ଷିକ ଅଧିବେଶନ ବସିଥିଲା । ଜବାହରଲାଲ ନେହେରୁ ତାର ସଭାପତି । ଏହି ଅଧିବେଶନରେ କଂଗ୍ରେସ ଘୋଷଣା କରିଥିଲା ଯେ, "ଆମର ଶାସନ ସଂସ୍କାର ଦରକାର ନାହିଁ । ଆମର ଦରକାର ସଂପୂର୍ଣ୍ଣ ସ୍ୱାଧୀନତା ଏବଂ ସଂପୂର୍ଣ୍ଣ ସ୍ୱାଧୀନତା ଆମକୁ ନ ମିଳିବା ପର୍ଯ୍ୟନ୍ତ ଆମେ ସଂଗ୍ରାମ କରି ଚାଲିବୁ ।"

ଇଂରେଜ ସରକାର ଆମକୁ ଧୀରେ ଧୀରେ ସ୍ୱାଧୀନତା ଦେବେ ବୋଲି ଶୁଖିଲା ପ୍ରତିଶ୍ରୁତି ଦେଉଥିଲେ । ଲାହୋର କଂଗ୍ରେସ ଅଧିବେଶନରେ ସ୍ଥିର ହେଲା ଯେ ସାରା ଦେଶରେ ସତ୍ୟାଗ୍ରହ କରାଯିବ । ୧୯୩୦ ମସିହା ଜାନୁଆରୀ ମାସ ୨୬ ତାରିଖ । ସେଦିନ କଂଗ୍ରେସର ନେତାମାନେ ଶପଥ ନେଇଥିଲେ—ସଂପୂର୍ଣ୍ଣ ସ୍ୱାଧୀନତା ପାଇଁ କଂଗ୍ରେସ ସାରା ଦେଶରେ ସଂଗ୍ରାମ ଚଳାଇବ ।

ଆମ ସ୍ୱାଧୀନତା ସଂଗ୍ରାମର ଅସ୍ତ୍ର ହେଉଛି ଅସହଯୋଗ, ଆଇନ ଅମାନ୍ୟ

ଏହି ସଂଗ୍ରାମର ନେତା ଗାନ୍ଧୀ । ସଂଗ୍ରାମର ପ୍ରଧାନ ଅସ୍ତ୍ର ହେଉଛି ଇଂରେଜ ସରକାରଙ୍କ ସହିତ ଅସହଯୋଗ । ଦେଶ ରେ ପୁଣି ଆଇନ୍ ଅମାନ୍ୟ ଆନ୍ଦୋଳନ କରିବାକୁ ପଡ଼ିବ । ଗାନ୍ଧୀ ଏହିସବୁ ନୀତି ଓ ଉପାୟ ଦେଶବାସୀଙ୍କୁ ବତାଇଲେ । ଏହି ଆଇନ ଅମାନ୍ୟ ଆନ୍ଦୋଳନରୁ ଲବଣ ସତ୍ୟାଗ୍ରହ ଆରମ୍ଭ ହୋଇଥିଲା ।

'ମୁଠାଏ ଲୁଣ' । ସେହି ଲୁଣ ମୁଠାଏ ପାଇଁ ଆଇନ୍ ଅମାନ୍ୟ କଲେ କପରି ସ୍ୱାଧୀନତା ମିଳିବ ? ଲୋକଙ୍କୁ ବଡ଼ ଆଶ୍ଚର୍ଯ୍ୟ

Digitized by srujanika@gmail.com

ଲାଗିଲା । ମଫସଲ ଗାଁରେ ନିରୀହ ଲୋକମାନେ ଏହି କଥା ଭାବି ପାରୁ-ନଥିଲେ । ମାତ୍ର ମହାତ୍ମାଗାନ୍ଧୀ ଦେଶବାସୀଙ୍କୁ ତା'ର ଉପାୟ ବତାଇ ଦେଇଥିଲେ ।

'ଲୁଣ' ପାଇଁ ଆନ୍ଦୋଳନ କରିବା କଥାଟା ଗାନ୍ଧୀଙ୍କ ମୁଣ୍ଡରେ କିପରି ଢୁକିଲା । ଏହାର ଗୋଟାଏ ରହସ୍ୟ ଅଛି । ଆଗରୁ କୁହାଯାଇଛି, ଭାରତବର୍ଷର ପୂର୍ବଦିଗରେ ସମୁଦ୍ର ବ୍ୟାପି ରହିଛି । କେଉଁ ପ୍ରାଚୀନ କାଳରୁ ଆମର ଲୋକେ ସମୁଦ୍ରର ଲୁଣିପାଣିରୁ ଲୁଣ ମାରି ଆସୁଥିଲେ । ଭାରତରେ ଇଂରେଜ ଶାସନ ଚାଲିବା ଦିନଠାରୁ ଇଂରେଜମାନେ ଆମ ଦେଶକୁ ନାନା ଭାବରେ ଲୁଟି କରୁଥିଲେ ।

ସେମାନେ ଆମ ଭାରତରୁ କଞ୍ଚାମାଲ ଶସ୍ତାରେ କିଣି ନେଉଥିଲେ । ସେହି ସବୁ କଞ୍ଚାମାଲକୁ ଜାହାଜରେ ବିଲାତକୁ ପଠାଯାଉଥିଲା । ଜାହାଜ ଯେତେବେଳେ ବିଲାତରୁ ଫେରୁଥିଲା ସେତେବେଳେ ବିଲାତ ତିଆରି ଜିନିଷପତ୍ର ସେଥିରେ ଆମ ଦେଶକୁ ଆସୁଥିଲା । ସେହି ଜାହାଜରେ ଇଂରେଜମାନେ ଲୁଣ ଭର୍ତ୍ତିକରି ଆଣିଲେ । ସେହି ଲୁଣକୁ ଭାରତରେ ଖୁବ୍ ଚଡ଼ାଦରରେ ବିକ୍ରି କରାଯାଉଥିଲା ।

ଏମିତି ଲୁଣ ବ୍ୟବସାୟରେ ଇଂରେଜମାନଙ୍କର ଲାଭ ହେଉଥିଲା । ଶେଷରେ ଇଂରେଜମାନେ ସେମାନଙ୍କର ଲୁଣ ବ୍ୟବସାୟକୁ ଏକଚାଟିଆ କରିଥିଲେ । ସେଥିପାଇଁ ଇଂରେଜ ସରକାର ହୁକୁମ ଜାରି କରିଥିଲେ । ଭାରତୀୟ ଲୋକମାନେ ଲୁଣ ମାରିପାରିବେ ନାହିଁ । ଆମ ଦେଶରେ ଲୁଣ ଭାରି ଶସ୍ତା, କିନ୍ତୁ ଇଂରେଜ ସରକାର ତାଙ୍କ ଦେଶର ଲୁଣକୁ ଚଡ଼ା ଦରରେ ବିକ୍ରି କରୁଥିଲେ ।

ଲବଣ ସତ୍ୟାଗ୍ରହ ପାଇଁ ଆହ୍ୱାନ

୧୯୩୦ ମସିହାରେ ଗାନ୍ଧୀ ସତ୍ୟାଗ୍ରହ ପାଇଁ ଦେଶବାସୀଙ୍କୁ ଆହ୍ୱାନ ଦେଲେ । ଏହି ସତ୍ୟାଗ୍ରହର ନାମ ହେଉଛି ଲବଣ ସତ୍ୟାଗ୍ରହ । ଗାନ୍ଧୀ

Digitized by srujanika@gmail.com

ଲୋକଙ୍କୁ ତାଙ୍କର ଏହି ସତ୍ୟାଗ୍ରହର ଅର୍ଥ ବୁଝାଇଦେଲେ । ଏହି ସତ୍ୟା-ଗ୍ରହରେ ଭାରତବର୍ଷର ବିଭିନ୍ନ ସ୍ଥାନରେ ଲୋକେ ସମୁଦ୍ରରୁ ଲୁଣ ମାରିବେ ।

ଇଂରେଜ ସରକାର ତ ଆଇନ ଜାରି କରିଥିଲେ ଭାରତୀୟମାନେ ଲୁଣ ମାରିପାରିବେ ନାହିଁ । ବର୍ତ୍ତମାନ ଗାନ୍ଧୀ ନିଷ୍ପତ୍ତି କଲେ ଲୋକେ ନିଶ୍ଚୟ ଲୁଣ ମାରିବେ ଏବଂ ସରକାରଙ୍କର ଆଇନ୍‌କୁ ଅମାନ୍ୟ କରିବେ । ନିଜେ ଗାନ୍ଧୀ ଏହି ସତ୍ୟାଗ୍ରହର ନେତୃତ୍ୱ ନେଇଥିଲେ । କେଉଁଠାରେ ଏହି ଲବଣ ସତ୍ୟାଗ୍ରହ ଆରମ୍ଭ ହେବ, ସେଥିପାଇଁ ବିଚାର ଚାଲିଥିଲା । କେଉଁ-ଦିନ ଏହି ସତ୍ୟାଗ୍ରହ ଆରମ୍ଭ ହେବ, ସେଥିପାଇଁ ମଧ୍ୟ କଂଗ୍ରେସ ମହଲରେ ଆଲୋଚନା ହେଲା । ଗାନ୍ଧୀ କହିଲେ, ଯିଏ ସତ୍ୟାଗ୍ରହ କରିବ, ସେ ହେବ ସତ୍ୟାଗ୍ରହୀ । ସତ୍ୟାଗ୍ରହୀର କର୍ତ୍ତବ୍ୟ କ'ଣ ତାହା ମଧ୍ୟ ଠିକ୍ ହୋଇଗଲା । ଯେଉଁମାନେ ଏହି ଲବଣ ସତ୍ୟାଗ୍ରହରେ ଯୋଗଦେବେ ସେମାନେ ନିସ୍ୱାର୍ଥ ଭାବରେ ସତ୍ୟାଗ୍ରହ ଚଳାଇବେ ।

ଆଇନ ଭଙ୍ଗ କଲେ ଇଂରେଜ ସରକାର ନିଶ୍ଚୟ ସତ୍ୟାଗ୍ରହୀ-ମାନଙ୍କ ଉପରେ ଅତ୍ୟାଚାର କରିବେ । ସତ୍ୟାଗ୍ରହୀମାନଙ୍କୁ ଜେଲ୍‌ଦଣ୍ଡ ମିଳିପାରେ, ଲାଠି ଏବଂ ବନ୍ଧୁକ ଗୁଳିର ସମ୍ମୁଖୀନ ହେବାକୁ ପଡ଼ିପାରେ । ଦେଶର ସ୍ୱାଧୀନତା ପାଇଁ ସତ୍ୟାଗ୍ରହ କଲେ କେତେ କଷ୍ଟ ସହିବାକୁ ପଡ଼ିବ । ଦରକାର ପଡ଼ିଲେ ଉପବାସରେ ରହିବାକୁ ପଡ଼ିବ । ସେମାନେ କୌଣସିମତେ ହିଂସା କରିବେ ନାହିଁ । ଶାନ୍ତିପୂର୍ଣ୍ଣ ପରିସ୍ଥିତି ପାଇଁ ସତ୍ୟାଗ୍ରହୀମାନେ ପ୍ରସ୍ତୁତ ହେବେ । ସତ୍ୟାଗ୍ରହୀମାନଙ୍କ କାର୍ଯ୍ୟରେ ସାହାଯ୍ୟ କରିବାକୁ ସ୍ୱେଚ୍ଛାସେବକ ଦରକାର ହେବେ । ସ୍ୱେଚ୍ଛାସେବକମାନଙ୍କର ମଧ୍ୟ ସାହସ ଏବଂ ମନର ବଳ ଦରକାର । କୌଣସି ରକମର ହିଂସାକାଣ୍ଡକୁ ସତ୍ୟାଗ୍ରହୀମାନେ କିମ୍ବା ସ୍ୱେଚ୍ଛାସେବକମାନେ ଆଦୌ ପ୍ରଶ୍ରୟ ଦେବେ ନାହିଁ ।

ପୁଣି ସାଂପ୍ରଦାୟିକ ଭେଦଭାବଠାରୁ କର୍ମୀମାନେ ଦୂରରେ ରହିବେ । ସମାଜର ସବୁ ଶ୍ରେଣୀର ଲୋକଙ୍କ ମଧ୍ୟରେ ଶାନ୍ତି ଏବଂ ସଦ୍‌ଭାବ ରକ୍ଷାକରିବାକୁ କର୍ମୀମାନେ ବରାବର ଉଦ୍ୟମ କରିବେ । ଗାନ୍ଧିଜୀଙ୍କର

Digitized by srujanika@gmail.com

ଆଦର୍ଶ ଅନୁଯାୟୀ କର୍ମୀମାନେ ସତ୍ୟ ଏବଂ ଅହିଂସା ଆଚରଣ କରିବେ ।

ଏହି ସତ୍ୟାଗ୍ରହର ରୂପ ଭିନ୍ନ ଭିନ୍ନ ଥିଲା । ଲୋକେ ସ୍ୱଇଚ୍ଛାରେ ସରକାରୀ ଅଫିସ ଆଗରେ ଧାରଣା ଦେବେ । ଅନଶନ କରିବେ । ସରକାରଙ୍କ ସହିତ ଅସହଯୋଗ କରିବେ । ଆଇନ ଅମାନ୍ୟ କରିବେ । ସରକାର ଆନ୍ଦୋଳନକାରୀମାନଙ୍କ ଉପରେ ନାନାପ୍ରକାର ଅତ୍ୟାଚାର କରିବେ, ମାତ୍ର ସତ୍ୟାଗ୍ରହୀ ବିଦେଶୀ ସରକାରଙ୍କ ନିକଟରେ ମୁଣ୍ଡ ନୁଆଁଇବ ନାହିଁ । ସେ ତାର ସତ୍ୟ ଏବଂ ଅହିଂସା ମାର୍ଗରେ ଅଟଳ ରହିବା ଉଚିତ । ଗାନ୍ଧିଜୀ ଆଉ ଗୋଟିଏ ସର୍ତ୍ତ ରଖିଥିଲେ, ତାହା ହେଉଛି ସତ୍ୟାଗ୍ରହୀମାନେ ଅରଟରେ ସୂତାକାଟିବେ । ସେହି ସୂତାରେ ଲୁଗା ବୁଣାଯିବ । ସମସ୍ତେ ସେହି ଖଦଡ଼ ଲୁଗା ପିନ୍ଧିବେ । ସତ୍ୟାଗ୍ରହୀମାନେ ଖଦଡ଼ ଟୋପି ମଧ୍ୟ ବ୍ୟବହାର କରିବେ । ଗାନ୍ଧିଜୀ ସତ୍ୟାଗ୍ରହୀମାନଙ୍କ ପାଇଁ ଏହିସବୁ ମାର୍ଗନିୟମ ପ୍ରସ୍ତୁତ କରିଥିଲେ ।

ଆଗରୁ କୁହାଯାଇଛି, ଲବଣ ସତ୍ୟାଗ୍ରହ ଭାରତବର୍ଷରେ କେଉଁ ସ୍ଥାନରୁ ଆରମ୍ଭ ହେବ ? ସେଥିପାଇଁ ଗାନ୍ଧିଜୀ ଏବଂ କଂଗ୍ରେସ ଚିନ୍ତା କରିଥିଲେ । ଏହି ସ୍ଥାନଟି ବାଛିବା ପାଇଁ କେତେଦିନ ଲାଗିଥିଲା । ସେଥିପାଇଁ କଂଗ୍ରେସ ଗୋଟିଏ ତିନିଜଣିଆ କମିଟି ଗଠନ କରିଥିଲା । କମିଟି ଭାରତବର୍ଷର ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ । କମିଟି ଗୁଜରାଟ ନିକଟବର୍ତ୍ତୀ ସମୁଦ୍ରକୂଳ ପରିଦର୍ଶନ କଲେ । ଶେଷରେ ନବଶ୍ରୀ ନିକଟବର୍ତ୍ତୀ 'ଦାଣ୍ଡି' ଉପକୂଳକୁ କମିଟି ବାଛିଥିଲେ । କିନ୍ତୁ ଗୋଟାଏ ଅସୁବିଧା ଦେଖାଦେଇଥିଲା । ତାହା ହେଉଛି 'ଦାଣ୍ଡି' ନିକଟରେ ପାନୀୟଜଳର ଅଭାବ ଥିଲା ।

ପାନୀୟଜଳର ଅଭାବ କଥା ଶୁଣି ନବଶ୍ରୀ ଗାଆଁର ଲୋକେ କହିଲେ, "ଯେତେ ପାନୀୟଜଳ ଦରକାର ହେବ ଆମେ ଯୋଗାଇଦେବୁ ।" ପଟେଲ୍ ଗାନ୍ଧୀଙ୍କୁ ଦାଣ୍ଡି ପାଇଁ ପ୍ରସ୍ତାବ ଦେଲେ । ଗାନ୍ଧୀ ସଙ୍ଗେ ସଙ୍ଗେ ଦାଣ୍ଡି ପାଇଁ ରାଜି ହୋଇଥିଲେ । ଏହା ପରେ ପରେ ଚାରିଆଡ଼େ ସ୍ୱେଚ୍ଛାସେବକ ବାହିନୀ ଗଢ଼ାଯାଇଥିଲା । ଯେଉଁମାନେ ସ୍ୱେଚ୍ଛାସେବକ

Digitized by srujanika@gmail.com

ଭାବରେ କାର୍ଯ୍ୟ କରିବେ, ସେମାନଙ୍କୁ ତାଲିମ ଦିଆଯିବ ବୋଲି ଗାନ୍ଧୀ କହିଥିଲେ ।

'ଲବଣ ସତ୍ୟାଗ୍ରହ' ହେବ ବୋଲି ଗ୍ରାମ ଏବଂ ସହରରେ ଦଳ ଦଳ ଯୁବକ ସ୍ୱେଚ୍ଛାସେବକ ହେବା ପାଇଁ ଆଗେଇ ଆସିଲେ । କି ସହର କି ମଫସଲ ଗାଆଁ କଂଗ୍ରେସ ଲବଣ ସତ୍ୟାଗ୍ରହ ଆରମ୍ଭ ହେବ ବୋଲି ସାରା ଦେଶରେ ସମ୍ବାଦ ପ୍ରଚାରିତ ହେଲା । ଭାରତ ବାହାରେ ଦେଶ ବିଦେଶରେ ମଧ୍ୟ କଂଗ୍ରେସର ଏହି ଲବଣ ଆନ୍ଦୋଳନ ବାର୍ତ୍ତା ପହଞ୍ଚି-ଯାଇଥିଲା ।

୧୯୩୦ ମସିହା ମାର୍ଚ୍ଚ ମାସ ସୁଦ୍ଧା ସାରା ବିଶ୍ୱରେ ଏଥିପାଇଁ ଚହଳ ପଡ଼ିଯାଇଥିଲା । ଲୋକେ ସମୁଦ୍ର ପାଣିରୁ ଲୁଣ ମାରିବେ । ସରକାରଙ୍କ ଆଇନ ଅମାନ୍ୟ କରିବେ । ଏହା ଫଳରେ ଭାରତରେ ଇଂରେଜ ସରକାରର ମୂଳଦୁଆ ଦୋହଲିଯିବ । ଦେଶ ବିଦେଶରେ ନେତାମାନେ ଆଲୋଚନା କଲେ । କେହି କେହି ଭାବିଥିଲେ ଗାନ୍ଧୀଙ୍କର ଏହା ଏକ ଅଦ୍ଭୁତ କଳ୍ପନା । ଦେଶର ସ୍ୱାଧୀନତା ପାଇଁ ଲଢ଼େଇ କରିବାରେ ଏହା ଏକ ସମ୍ପୂର୍ଣ୍ଣ ନୂଆ ଢଙ୍ଗ ।

ସେତେବେଳକୁ ଗାନ୍ଧୀ ସାବରମତୀ ଆଶ୍ରମରେ ରହୁଥିଲେ । ଲବଣ ସତ୍ୟାଗ୍ରହ ଖବର ଶୁଣି ଲୋକେ ଅହମଦାବାଦ ଏବଂ ସାବରମତୀ ଆଶ୍ରମରେ ଭିଡ଼ ହେଲେ । କେତେକ ବିଦେଶୀ ସାମ୍ବାଦିକ ମଧ୍ୟ ଆଶ୍ରମରେ ପହଞ୍ଚିଥିଲେ । ସେମାନଙ୍କର ଲକ୍ଷ୍ୟ ହେଲା ଗାନ୍ଧିଜୀ କିପରି ଏହି ଲବଣ ସତ୍ୟାଗ୍ରହ ଆରମ୍ଭ କରିବେ ତାହା ଦେଖିବେ । ଅହମଦାବାଦ ଡାକ-ଘରେ ଗାନ୍ଧୀଙ୍କ ନାମରେ ପ୍ରତିଦିନ ଚିଠି ଏବଂ ଟେଲିଗ୍ରାମ ଶହ ଶହ ସଂଖ୍ୟାରେ ପହଞ୍ଚୁଥିଲା ।

ଆମେରିକା ଏବଂ ଜର୍ମାନୀରୁ କେତେକ ନେତା ଗାନ୍ଧୀଙ୍କୁ ଏହି ସତ୍ୟାଗ୍ରହ ପାଇଁ ଶୁଭେଚ୍ଛା ଜଣାଇ ଚିଠି ଲେଖିଥିଲେ । କେହି କେହି ଗାନ୍ଧୀ ଏହି ସତ୍ୟାଗ୍ରହରେ କିପରି ସଫଳତା ହାସଲ କରିବେ ସେଥିପାଇଁ ପ୍ରାର୍ଥନା କରିଥିଲେ ।

Digitized by srujanika@gmail.com

ସର୍ଦ୍ଦାର ପଟେଲ ଅହମଦାବାଦ ନିକଟବର୍ତ୍ତୀ ଗାଁମାନଙ୍କୁ ଯାଇ ସଭାସମିତି କଲେ, ଲୋକମାନଙ୍କୁ ଉତ୍ପୀଡ଼ିତ ନ ହେବା ପାଇଁ ପରାମର୍ଶ ଦେଲେ । ସେ କହିଥିଲେ, "ଆମ୍ଭେମାନେ ଗୋଟାଏ ବିଦେଶୀ ଶାସନର ବନ୍ଧନ ଭାଙ୍ଗିବାକୁ ଯାଉଛେ । ବର୍ତ୍ତମାନ ଭୋଗବିଳାସ ଆମୋଦ ପ୍ରମୋଦର ସମୟ ନୁହେଁ, ବର୍ତ୍ତମାନ ସମସ୍ତଙ୍କୁ ତ୍ୟାଗ ସ୍ୱୀକାର କରିବାକୁ ପଡ଼ିବ । ଦେଶର ସ୍ୱାଧୀନତା ପାଇଁ ଏକଜୁଟ ହେବାକୁ ପଡ଼ିବ ।"

"ତୁମ୍ଭେମାନେ ଭାବୁଥିବ ଯେ କାଳେ ସରକାର ତୁମମାନଙ୍କର ଜମିବାଡ଼ି ବାଜ୍ୟାପ୍ତି କରିଦେବେ । ତୁମମାନଙ୍କର କ୍ଷେତବାଡ଼ି କେହି ବାଜ୍ୟାପ୍ତି କରିପାରିବେ ନାହିଁ । ଇଂରେଜ ସରକାର କ'ଣ ଭାରତ ଲୋକଙ୍କର କ୍ଷେତବାଡ଼ିକୁ ବିଲାତକୁ ନେଇଯିବେ, ଏହା କଦାପି ସମ୍ଭବ ନୁହେଁ । ତୁମ୍ଭେମାନେ ଏକଜୁଟ ହେଲେ ଆମେ ସ୍ୱାଧୀନତା ସଂଗ୍ରାମରେ ନିଶ୍ଚିତ ଜୟଲାଭ କରିବା ।"

ସର୍ଦ୍ଦାର ପଟେଲ ଏହିପରି ବିଦେଶୀ ଶାସନ ବିରୋଧରେ ଭାଷଣ ଦେବାରୁ ଇଂରେଜ ସରକାର ତାଙ୍କୁ ଗିରଫ କଲେ । ସର୍ଦ୍ଦାର ପଟେଲ ଗିରଫ ହେବା ଶୁଣି ହଜାର ହଜାର ସ୍ତ୍ରୀ ପୁରୁଷ ସାବରମତୀର ବାଲି ପଡ଼ିଆରେ ରୁଣ୍ଡ ହୋଇଥିଲେ । ସଭାରେ ଗୋଟିଏ ପ୍ରସ୍ତାବ ଅନୁମୋଦିତ ହୋଇଥିଲା । ତାହା ହେଉଛି, "ଆମ୍ଭେ ଅହମଦାବାଦର ନାଗରିକଗଣ ଶପଥ କରୁଅଛୁଁ ଯେ ଆମ୍ଭେମାନେ ଏକମନପ୍ରାଣରେ ଆମ ଦେଶର ସ୍ୱାଧୀନତା ପାଇଁ ଆନ୍ଦୋଳନ ଚଳାଇବୁ । ସର୍ଦ୍ଦାର ପଟେଲ ଆମ୍ଭମାନଙ୍କୁ ଯେଉଁ ଆଦର୍ଶ ଦେଖାଇଛନ୍ତି ଆମେ ସେହି ଆଦର୍ଶରେ ଅଟଳ ରହିବୁ । ଆମ ଦେଶ ସ୍ୱାଧୀନ ନହେବା ପର୍ଯ୍ୟନ୍ତ ଆମର ଶାନ୍ତି ନାହିଁ ।"

ଲବଣ ସତ୍ୟାଗ୍ରହର କଳ୍ପନାଜଳ୍ପନା

କେବଳ ଗୁଜୁରାଟ ନୁହେଁ, ଭାରତର ପ୍ରତ୍ୟେକ ରାଜ୍ୟରେ ସତ୍ୟାଗ୍ରହର ଧ୍ୱନି ଶୁଣାଗଲା । ଦେଶରେ ଏପରି ଘଡ଼ିସନ୍ଧି ସମୟରେ

Digitized by srujanika@gmail.com

ଗାନ୍ଧୀଙ୍କର ଆଶ୍ରମରେ ଦୈନିକ ସ୍ତ୍ରୀ ପୁରୁଷଙ୍କର ଭିଡ଼ ଜମୁଥିଲା । ଗାନ୍ଧୀ ଦୈନିକ ସୂତା କାଟୁଥିଲେ । ଚିଠିପତ୍ର ଲେଖୁଥିଲେ । କଂଗ୍ରେସ କର୍ମୀମାନଙ୍କୁ ଦେଖୁଥିଲେ । ପ୍ରଭାତ ଏବଂ ସନ୍ଧ୍ୟାରେ ପ୍ରାର୍ଥନା ସଭା କରୁଥିଲେ । ପ୍ରାର୍ଥନା ସଭାରେ ଗୀତା, କୋରାନ ଏବଂ ବାଇବେଲରୁ ଆବୃତ୍ତି କରାଯାଉଥିଲା । ଗାନ୍ଧୀଙ୍କର ଅଟଳ ବିଶ୍ୱାସ, ଈଶ୍ୱର ଏକ । ସତ୍ୟହିଁ ଈଶ୍ୱର । ସାବରମତୀ ଆଶ୍ରମ ଆମ ଦେଶର ଗୋଟାଏ ପବିତ୍ର ତୀର୍ଥ ବୋଲି ଲୋକେ ଭାବୁଥିଲେ । କଂଗ୍ରେସ ଏବଂ ଗାନ୍ଧୀଙ୍କର ସେହି ଆଶ୍ରମ ଥିଲା ପ୍ରଧାନ କର୍ମସ୍ଥଳୀ ।

ସୂର୍ଯ୍ୟ ପଶ୍ଚିମ ଆକାଶରେ ଅସ୍ତ ହେଉଥିଲେ । ଆଶ୍ରମ ପାଖା-ପାଖି ଗାଆଁମାନଙ୍କରେ ସଞ୍ଜବତୀ ଜଳି ଉଠୁଥିଲା । ସାବରମତୀ ଆଶ୍ରମରୁ ପ୍ରାର୍ଥନାର ପ୍ରତିଧ୍ୱନି ପବନରେ ଭାସି ଆସୁଥିଲା—"ରଘୁପତି ରାଘବ ରାଜା ରାମ । ପତିତପାବନ ସୀତାରାମ ।"

ମାର୍ଚ୍ଚ ଦଶ ତାରିଖ ଦିନ ଗାନ୍ଧୀ ପ୍ରାର୍ଥନା ସଭାରେ ତାଙ୍କର କର୍ମପନ୍ଥା ସମ୍ପର୍କରେ ଲୋକଙ୍କୁ ସୂଚନା ଦେଇଥିଲେ ! ଗାନ୍ଧୀ କହିଲେ "ମୁଁ ଯେବେ ଦେଶରେ ହିଂସାତ୍ମକ ବିପ୍ଳବ ପାଇଁ ଲୋକଙ୍କୁ ଡାକରା ଦେବି ସରକାର କେବେ ଚୁପ୍ ହୋଇ ବସିବେ ନାହିଁ । ସରକାର ତାଙ୍କର ପୋଲିସ, ଫଉଜ ଏବଂ ଗୁଳିଗୋଳା ସାହାଯ୍ୟରେ ଆମ ବିପ୍ଳବକୁ ଚପେଇଦେବେ । କିନ୍ତୁ ମୁଁ ଯେବେ ଅହିଂସା ମାର୍ଗରେ ସତ୍ୟାଗ୍ରହ କରିବି, ଆଇନ୍ ଅମାନ୍ୟ କରିବି, ସରକାର ମୋତେ କି ଦଣ୍ଡ ଦେବେ ? ଆମର ନେତା, କର୍ମୀ ଏବଂ ସତ୍ୟାଗ୍ରହୀମାନେ ଜେଲ୍‌କୁ ଭୟ କରନ୍ତି ନାହିଁ ।"

ଲୋକେ ଗାନ୍ଧୀଙ୍କ ଭାଷଣ ମନ ଦେଇ ଶୁଣିଥିଲେ । ଗାନ୍ଧୀ ପୁଣି କହିଥିଲେ, "ମୁଁ ତୁମମାନଙ୍କଠାରୁ ଟଙ୍କା ପଇସା ମାଗୁନାହିଁ । ମୁଁ

Digitized by srujanika@gmail.com

ସୁତ୍ରେ ତୁମ୍ଭେମାନେ ନିର୍ଭିକ ଭାବରେ ସରକାରଙ୍କ ବିରୋଧରେ ସତ୍ୟାଗ୍ରହ ଅନଶନ କରିବ । ଆମେ ଶାନ୍ତିପୂର୍ଣ୍ଣ ଭାବରେ ଲବଣ ଆଇନ୍ ଭଙ୍ଗ କଲେ ସରକାର ଆମର କ'ଣ କରିପାରିବ ? ଈଶ୍ୱର ଦେଶବାସୀଙ୍କୁ ଶକ୍ତି ଦିଅନ୍ତୁ । ସମସ୍ତଙ୍କ ମନରେ ସାହସ ଦିଅନ୍ତୁ । ସ୍ୱାଧୀନତା ପାଇଁ ଆମର ଆନ୍ଦୋଳନ ନିଶ୍ଚୟ ସଫଳ ହେବ ।"

ମାର୍ଚ୍ଚମାସ ୧୧ ତାରିଖ ଦିନ ସନ୍ଧ୍ୟା ପ୍ରାର୍ଥନା ସଭାରେ ଗାନ୍ଧୀ ଘୋଷଣା କଲେ, "ଭାଇମାନେ ବର୍ତ୍ତମାନ ପାଇଁ ଶୁଭମୁହୂର୍ତ୍ତ ଆସି ଯାଇଛି । ବର୍ତ୍ତମାନ ଆମ୍ଭେମାନେ ଲବଣ ସତ୍ୟାଗ୍ରହ ଆରମ୍ଭ କରିବା ।" ଗାନ୍ଧୀ କହୁଥିଲେ ଯେ, "କୌଣସି ଭଲ କାର୍ଯ୍ୟ କରିବାକୁ ହେଲେ, ଆମକୁ କେତେ ନୀତିନିୟମ ମାନିବାକୁ ପଡ଼ିବ ।"

କଥାରେ କହନ୍ତି ଯାହାର ମନ ଯେଡ଼େ ତାର ପ୍ରଭୁ ତେଡ଼େ । ଆମର ଲକ୍ଷ୍ୟ ଯେମିତି ନିର୍ମଳ ହେବ, ଆମର କାର୍ଯ୍ୟପ୍ରଣାଳୀ ସେହିପରି ନିର୍ମଳ ହେବା ଦରକାର । ଗାନ୍ଧୀଙ୍କର କଣ୍ଠସ୍ୱରରେ ସାବରମତୀ ଆଶ୍ରମ କମ୍ପି ଉଠିଥିଲା । ହଜାର ହଜାର ସ୍ତ୍ରୀ ପୁରୁଷଙ୍କର 'ଭାରତମାତା କି ଜୟ' ଜୟଧ୍ୱନି ସାରା ଦେଶକୁ ଚମକାଇ ଦେଇଥିଲା ।

ସଭା ଶେଷରେ ଗାନ୍ଧୀ ଲୋକମାନଙ୍କୁ ଲକ୍ଷ୍ୟ କରି କହିଥିଲେ, "ଆମର ସଂକଳ୍ପ ହେଉଛି, ଆମେ ସ୍ୱାଧୀନତା ପାଇଁ ନିଜକୁ ଉତ୍ସର୍ଗ କରିବା । ସରକାର ଯେବେ ମୋତେ ଗିରଫ କରନ୍ତି ମୋର ସେଥିପାଇଁ ଭୟ ନାହିଁ । ମାତ୍ର ତୁମ୍ଭେମାନେ ଜନ୍ମଭୂମିର ମୁକ୍ତି ପାଇଁ ଏକଜୁଟ ହୁଅ ।"

ସବୁଆଡ଼େ ସମ୍ବାଦ ପ୍ରଚାରିତ ହୋଇଗଲା । ତା' ପରଦିନ ଗାନ୍ଧୀ ଦାଣ୍ଡିଯାତ୍ରା ଆରମ୍ଭ କରିବେ । ଏହି 'ଦାଣ୍ଡିଯାତ୍ରା'ର ଦୃଶ୍ୟ ଦେଖିବା ପାଇଁ ସାବରମତୀ ଆଶ୍ରମରେ ହଜାର ହଜାର ସ୍ତ୍ରୀ ପୁରୁଷ ରୁଣ୍ଡ ହୋଇ-ଥିଲେ ।

Digitized by srujanika@gmail.com

ଗାନ୍ଧୀ ଧଳା ଖଦଡ଼ ଧୋତି ପିନ୍ଧିଥିଲେ । ତାଙ୍କ ଆଖିରେ ଚଷମା, ଗ୍ଲେଟ ଘଣ୍ଟାଟିଏ ଅଣ୍ଟା ପାଖରୁ ଝୁଲୁଥିଲା । ଗାନ୍ଧୀଙ୍କ ସହିତ ଦାଣ୍ଡିଯାତ୍ରାରେ ଆଜ ଯେଉଁମାନେ ଯୋଗ ଦେଇଥିଲେ ସେମାନେ ଭାରତବର୍ଷର ବିଭିନ୍ନ ପ୍ରଦେଶରୁ ବଛା ହୋଇଥିଲେ । ନେପାଳରୁ ମଧ୍ୟ ଲୋକେ 'ଦାଣ୍ଡିଯାତ୍ରା'ରେ ଯୋଗ ଦେଇଥିଲେ ।

ସତ୍ୟାଗ୍ରହୀମାନଙ୍କ ମଧ୍ୟରେ କେବଳ ହିନ୍ଦୁ ନ ଥିଲେ । ଜଣେ ଖ୍ରୀଷ୍ଟିଆନ ଏବଂ ଦୁଇଜଣ ମୁସଲମାନ ମଧ୍ୟ ଥିଲେ । ସେମାନଙ୍କ ମଧ୍ୟରେ ପାଠୁଆ ଥିଲେ, ଅପାଠୁଆ ମଧ୍ୟ ଥିଲେ । ଉଭୟ ଧନୀ ଓ ଗରିବ ଶ୍ରେଣୀର ଲୋକ ଥିଲେ । ସମସ୍ତଙ୍କର ଉଦ୍ଦେଶ୍ୟ—ଭାରତର ସ୍ୱାଧୀନତା ।

ଗାନ୍ଧୀଙ୍କର ବୟସ ସେତେବେଳେ ଏକଷଠି ବର୍ଷ । ଗାନ୍ଧୀଙ୍କର ପୁଅ ଏବଂ ଗାନ୍ଧୀଙ୍କର ନାତି ଏହି ଦାଣ୍ଡିଯାତ୍ରାରେ ମଧ୍ୟ ଭାଗ ନେଇଥିଲେ ।

ଆଶ୍ରମରେ ଆବାସ୍ ନାମରେ ଜଣେ କର୍ମୀ ଥିଲେ । ଗାନ୍ଧୀ ତାଙ୍କୁ ଦାଣ୍ଡିଯାତ୍ରା ପାଇଁ ବାଛିଥିଲେ । ଆବାସ୍ ତୟାବଜୀ ନାମକ ଜଣେ ଦେଶପ୍ରେମୀ ଯୁବକ ଥିଲେ । ସେ ଦାଣ୍ଡିଯାତ୍ରାରେ ଯୋଗ ଦେବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ । ମାତ୍ର ଗାନ୍ଧିଜୀ ତାଙ୍କୁ ସେଥିପାଇଁ ମନା କରିଦେଲେ ।

ଗାନ୍ଧୀ ହସି ହସି କହିଲେ, ମୁଁ ଯେଉଁ ଆବାସ୍‌ଙ୍କୁ ବାଛିଛି ସେ ଆଶ୍ରମରେ ଜଣେ କର୍ମୀ । ଏଥିରେ ଆବାସ ତୟାବଜୀ ମନ ଦୁଃଖରେ ଭାଙ୍ଗି ପଡ଼ିଥିଲେ । ଗାନ୍ଧୀ ତାଙ୍କୁ କହିଥିଲେ, "ଆମେ ପ୍ରଥମ ଦଫାରେ ଦାଣ୍ଡି-ଯାତ୍ରା କରୁଛୁ । ଆମକୁ ଯେବେ ସରକାର ଗିରଫ କରି ନଇଗଲେ, ତେବେ ଏମିତି ଅବସ୍ଥାରେ ଆମ କାମ କରିବ କିଏ ? ତୁମେମାନେ ପୁଣି ଆଇନ ଅମାନ୍ୟ ଆନ୍ଦୋଳନ ଆରମ୍ଭ କରିବ ।"

ସତକୁ ସତ ଘଟଣାର କିଛିଦିନ ପରେ ଆବାସ ତୟାବଜୀ ଦଳେ ସତ୍ୟାଗ୍ରହୀଙ୍କର ଦାୟିତ୍ୱ ନେଇ ସମୁଦ୍ର କୂଳକୁ ଯାଇଥିଲେ ଏବଂ ଲବଣ ଆଇନ ଅମାନ୍ୟ କରି ଗିରଫ ହୋଇଥିଲେ ।

Digitized by srujanika@gmail.com

ଗାନ୍ଧୀ ଯାହାଙ୍କୁ 'ଦାଣ୍ଡି ଯାତ୍ରା' ଏବଂ ଲବଣ ସତ୍ୟାଗ୍ରହର ସତ୍ୟାଗ୍ରହୀରୂପେ ବାଛୁଥିଲେ ସେ ତା' ପରିବାରର ଅଭାବ ଅସୁବିଧା କଥା ପଚାରି ବୁଝୁଥିଲେ । ପୁଣି ଜଣେ ଆଇନ ଅମାନ୍ୟ କରି ଜେଲ୍‌କୁ ଗଲେ ତା'ର ପିଲାମାନଙ୍କର ଦାୟିତ୍ୱ କିଏ ନେବ, ଏହିସବୁ କଥା ଗାନ୍ଧୀ ଚିନ୍ତାକରି କରି ବୁଝୁଥିଲେ । କର୍ମୀମାନଙ୍କର ଅଭାବ ଅସୁବିଧା ପ୍ରତି ବରାବର ଦୃଷ୍ଟି ଦେଉଥିଲେ ।

ସାବରମତୀ ଆଶ୍ରମରୁ ଦାଣ୍ଡି ଯାତ୍ରା

୧୯୩୦ ମସିହା ଏପ୍ରିଲ୍ ମାସ ସାତ ତାରିଖ । ଦାଣ୍ଡି ଯାତ୍ରାର ଆରମ୍ଭ ଦିନ ।

ରାତି ପାହିଲା । ସକାଳ ହେଲା । ସାବରମତୀ ଆଶ୍ରମ କୋଳାହଳପୂର୍ଣ୍ଣ । ଆଶ୍ରମର ଚାରିପଟେ ଗଛ ଲତାଗୁଡ଼ିକ ସକାଳର ସୂର୍ଯ୍ୟକିରଣରେ ହସି ଉଠୁଥାନ୍ତି । ଆକାଶରେ ପକ୍ଷୀଗୁଡ଼ାକ ସତେ ଯେପରି ସ୍ୱାଗତ ସଙ୍ଗୀତ ଗାନ କରୁଥିଲେ । ଆଶ୍ରମରେ ପ୍ରାର୍ଥନା ସଭା ଚାଲିଥିଲା । ଗାନ୍ଧୀ ପ୍ରାର୍ଥନା ସଭାରେ ସବୁଦିନ ଭଳି ଭାଷଣ ଦେଲେ । ଏହାପରେ ସତ୍ୟାଗ୍ରହୀମାନେ ପ୍ରସ୍ତୁତ ହେଲେ । ଆଜ ପରା 'ଦାଣ୍ଡି ଯାତ୍ରା' ଆରମ୍ଭ ହେବ ।

ଗାନ୍ଧୀ ସତ୍ୟାଗ୍ରହୀମାନଙ୍କର ନେତୃତ୍ୱ ନେଇଥିଲେ । ସତ୍ୟାଗ୍ରହୀମାନେ 'ଭାରତମାତା କି ଜୟ' ଧ୍ୱନି ଦେଲେ । ସତ୍ୟାଗ୍ରହୀ ଦଳ 'ଦାଣ୍ଡି' ଉଦ୍ଦେଶ୍ୟରେ ଯାତ୍ରା ଆରମ୍ଭ କଲେ । ସତ୍ୟାଗ୍ରହୀମାନଙ୍କ ମନରେ ଆନନ୍ଦ କହିଲେ ନସରେ । ସମସ୍ତଙ୍କ ମନରେ ଅପୂର୍ବ ଉତ୍ସାହ । ସମସ୍ତଙ୍କ ମନରେ ସେହି ଗୋଟିଏ ଚିନ୍ତା, ଦେଶରୁ ବିଦେଶୀ ଶାସନ ଲୋପ କରିବାକୁ ପଡ଼ିବ ।

ସେଥିପାଇଁ ସଂଗ୍ରାମ ଦରକାର । ଏହି ସଂଗ୍ରାମରେ କର୍ମୀମାନେ ହେଉଛନ୍ତି ସତ୍ୟାଗ୍ରହୀ । କୌଣସି ସଂଗ୍ରାମ କିମ୍ବା ଲଢ଼େଇ କରିବାକୁ ହେଲେ ହାତରେ ଅସ୍ତ୍ରଶସ୍ତ୍ର ଦରକାର ; କିନ୍ତୁ ଭାରତର ଏହି ସ୍ୱାଧୀନତା ଲଢ଼େଇରେ ସତ୍ୟାଗ୍ରହୀମାନଙ୍କ ହାତରେ କୌଣସି ଅସ୍ତ୍ରଶସ୍ତ୍ର ନଥିଲା । ସେମାନଙ୍କ ହାତରେ ଏକମାତ୍ର ଅସ୍ତ୍ର ହେଉଛି ଅହିଂସା, ସତ୍ୟ । ଶାନ୍ତିପୂର୍ଣ୍ଣ

Digitized by srujanika@gmail.com

ଭାବରେ ସରକାରଙ୍କର ଅଇନ-ଭଙ୍ଗ କରିବା ସେମାନଙ୍କର ପ୍ରଥମ କାର୍ଯ୍ୟ ।

ସତ୍ୟାଗ୍ରହୀମାନଙ୍କୁ ଦେଖିବା ପାଇଁ ସାଧାରଣ ଲୋକଙ୍କ ମନରେ ବଡ଼ କୌତୂହଳ । ସତ୍ୟାଗ୍ରହୀମାନେ ଧାଡ଼ି ଦେଇ ଚାଲିଥିଲେ । ସେମାନଙ୍କ ଆଗେ ଆଗେ ଗାନ୍ଧୀ । ସେ ଆଣ୍ଠୁଲୁଚ୍ଚ ଖଦଡ଼ ଲୁଗା ପିନ୍ଧିଥିଲେ । ତାଙ୍କ ମୁଣ୍ଡରେ ଖଦଡ଼ ଟୋପି ।

ଗାନ୍ଧୀ ଏବଂ ସତ୍ୟାଗ୍ରହୀମାନଙ୍କୁ ରାସ୍ତାରେ ଦର୍ଶକମାନେ ସମ୍ମାନ ଜଣାଉଥିଲେ । ସ୍ଥାନେ ସ୍ଥାନେ ଲୋକଙ୍କର ଭିଡ଼ । ସ୍ତ୍ରୀ ପୁରୁଷ, ପିଲାକବିଲା ସମସ୍ତେ ରୁଣ୍ଡ ହୋଇଥିଲେ । କେଉଁଠି କେମିତି ଗଛଉପରେ ଲୋକେ ଚଢ଼ି ସତ୍ୟାଗ୍ରହୀମାନଙ୍କର ପଟୁଆର ଦେଖୁଥିଲେ । କଂଗ୍ରେସ ଲବଣ ଆଇନ ଅମାନ୍ୟ କରିବ ବୋଲି ସମ୍ବାଦ ପ୍ରଚାର ହେବା ଦିନଠାରୁ ଇଂରେଜ

Digitized by srujanika@gmail.com

ସରକାର ଖୁବ୍ ତତ୍ପର ହୋଇ ଉଠିଥିଲେ । ସାବରମତୀ ଆଶ୍ରମ ଅଞ୍ଚଳରେ ପୋଲିସ ଘୁଞ୍ଚ ହୋଇଗଲେ । ସମୁଦ୍ର କୂଳେ କୂଳେ ମଧ୍ୟ ଗୋରା ପଲଟଣ ଜଗି ରହିଲେ । ସରକାର ଚିନ୍ତା କରୁଥିଲେ ଯେମିତି ହେଲେ କଂଗ୍ରେସର ଲବଣ ସତ୍ୟାଗ୍ରହକୁ ଭଣ୍ଡୁର କରିଦେବେ ।

ରାସ୍ତା ଧାରରେ ଅପେକ୍ଷା କରିଥିବା ଦର୍ଶକମାନଙ୍କୁ ଗାନ୍ଧୀ କହୁଥିଲେ, "ଆମେ ଈଶ୍ୱରଙ୍କ ନାମରେ ଏହି ସତ୍ୟାଗ୍ରହ ଯାତ୍ରା ଆରମ୍ଭ କରିଛୁ ।" ଗାନ୍ଧୀ ନିର୍ଭର ଜବାବ ଦେଇ କହୁଥିଲେ, "ଇଂରେଜ ସରକାର ଲବଣ ଆଇନ ପ୍ରତ୍ୟାହାର ନ କରିବା ପର୍ଯ୍ୟନ୍ତ ମୁଁ ସାବରମତୀ ଆଶ୍ରମକୁ ଫେରିବି ନାହିଁ ।" ଇଂରେଜ ସରକାରଙ୍କର କୌଣସି ପ୍ରକାର ଧମକରେ ସେ ଡରିଯାଇ ନଥିଲେ । ସାବରମତୀ ଆଶ୍ରମରୁ ଦାଣ୍ଡି ପର୍ଯ୍ୟନ୍ତ ବଡ଼ ଲମ୍ବା ରାସ୍ତା, ପ୍ରାୟ ୪୦୦ (ଚାରିଶହ) କିଲୋମିଟର ରାସ୍ତା । ବାଟରେ କେତେ ଗାଁ ଗଣ୍ଡା । ଗାନ୍ଧୀ ଗ୍ରାମବାସୀମାନଙ୍କୁ ଭେଟୁଥିଲେ । ଲୋକେ ଅରଟରେ ସୂତା କାଟିବା ପାଇଁ, ଖଦଡ଼ ବ୍ୟବହାର କରିବା ପାଇଁ ବରାବର ପରାମର୍ଶ ଦେଉଥିଲେ ।

ସତ୍ୟାଗ୍ରହୀମାନେ ଗ୍ରାମବାସୀମାନଙ୍କୁ ଭେଟି କଂଗ୍ରେସର ଆଦର୍ଶ ଏବଂ ନୀତି ସମ୍ପର୍କରେ ବୁଝାଉଥିଲେ । ସତ୍ୟାଗ୍ରହୀମାନେ ଲୋକଙ୍କୁ ପରାମର୍ଶ ଦେଉଥିଲେ "ମନରୁ ଭୟ ଦୂରକରିବା ଉଚିତ । ଗ୍ରାମବାସୀମାନେ ଏକଜୁଟ ହୋଇ ଦେଶର ସ୍ୱାଧୀନତା ପାଇଁ କାମ କରିବା ଦରକାର, ଗ୍ରାମେ ଗ୍ରାମେ ଲୋକେ ଅରଟରେ ସୂତା କାଟି ଲୁଗା ବୁଣିଲେ ଆମକୁ ଆଉ ବିଲାତି ଲୁଗା ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ ।"

ସମୁଦ୍ର ପାଣିରୁ ଲୁଣମାରି ଗାନ୍ଧୀ ଇଂରେଜ ସରକାରଙ୍କୁ ଜବତ କରିପାରିବେ, ଲୋକେ ଏହା ବିଶ୍ୱାସ କରିପାରୁ ନଥିଲେ । ସରକାର ଲବଣ ଆଇନ ଜାରି କରି ଲୋକମାନଙ୍କଠାରୁ ଅଧିକାର ଛଡ଼ାଇ ନେଇଥିଲେ । ଏହି କଥା ସତ୍ୟାଗ୍ରହୀମାନେ ବୁଝାଉଥିଲେ । ସତ୍ୟାଗ୍ରହୀମାନେ ଦିନରେ ପଦଯାତ୍ରା କରୁଥିଲେ । ମଧ୍ୟରେ ରାସ୍ତା ପାଖ ଗାଁ ଗଣ୍ଡାରେ ବିଶ୍ରାମ ନେଉଥିଲେ ।

Digitized by srujanika@gmail.com

ଯେଉଁ ଗାଆଁରେ ଗାନ୍ଧୀ ଓ ସତ୍ୟାଗ୍ରହୀମାନେ ବିଶ୍ରାମ ନେଉଥିଲେ, ସେହି ଗ୍ରାମବାସୀ ସତ୍ୟାଗ୍ରହୀମାନଙ୍କୁ ସ୍ୱାଗତ ଜଣାଉଥିଲେ । ସଭାସମିତି କରୁଥିଲେ । ପ୍ରାର୍ଥନା, ଭଜନ କରାଯାଉଥିଲା । ଗାନ୍ଧୀ ଗାଆଁ ଲୋକଙ୍କଠାରୁ ସେମାନଙ୍କର ସୁଖ ଦୁଃଖ ବୁଝୁଥିଲେ । ଗ୍ରାମବାସୀମାନଙ୍କ ପ୍ରଶ୍ନର ଉତ୍ତର ଗାନ୍ଧୀ ଦେଉଥିଲେ । ଭାରତବର୍ଷ କିପରି ତାର ସ୍ୱାଧୀନତା ଫେରି ପାଇବ, ସେଥିପାଇଁ ପ୍ରତ୍ୟେକ ଗ୍ରାମବାସୀର କିଛି ନା କିଛି କର୍ତ୍ତବ୍ୟ ଅଛି—ଏହା ସମସ୍ତେ ବୁଝିବା ଦରକାର । ପଦଯାତ୍ରା ବେଳେ ମଧ୍ୟ ସତ୍ୟାଗ୍ରହୀମାନଙ୍କୁ ଅରଟରେ ସୂତା କାଟିବାକୁ ପଡୁଥିଲା । ସତ୍ୟାଗ୍ରହୀମାନଙ୍କୁ ପ୍ରତିଦିନ ପ୍ରାୟ କୋଡ଼ିଏ କିଲୋମିଟର ଚାଲିବାକୁ ପଡୁଥିଲା । ସକାଳ ପ୍ରହରୁ ସନ୍ଧ୍ୟାଯାଏ, ଖରାବେଳେ ସାମାନ୍ୟ ବିଶ୍ରାମ । ଏମିତି କିଛିଦିନ ଚାଲିବାପରେ କେତେକ ସତ୍ୟାଗ୍ରହୀଙ୍କ ପାଦରେ ଘଣ୍ଠି ହେଲା ।

ସତ୍ୟାଗ୍ରହୀମାନଙ୍କ ମଧ୍ୟରେ ଗାନ୍ଧୀ ସର୍ବାପେକ୍ଷା ବୟସରେ ବଡ଼ ଥିଲେ । ତାଙ୍କ ପାଇଁ ଗୋଟିଏ ଘୋଡ଼ାର ବ୍ୟବସ୍ଥା କରାଯାଇଥିଲା । ମାତ୍ର ଗାନ୍ଧୀ ତାଙ୍କର ଏହି ଦାଣ୍ଡିଯାତ୍ରା ସମୟରେ ଘୋଡ଼ା ବ୍ୟବହାର କରି-ନଥିଲେ । ଗାନ୍ଧୀ ନିଜେ ରାତି ୪ଟାରେ ଶଯ୍ୟାତ୍ୟାଗ କରୁଥିଲେ । ସେ ପ୍ରଥମେ ନିତ୍ୟକୃତ୍ୟ ସାରି ଚିଠିପତ୍ର ଲେଖୁଥିଲେ । ତା'ପରେ ପ୍ରାର୍ଥନା ସଭା । ଦିନେ ଦିନେ ରାତିରେ ତେଲ ଅଭାବରେ ଦୀପ ଜଳୁ ନ ଥିଲା । ସେଥିପାଇଁ ଗାନ୍ଧୀ ଜହ୍ନ ଆଲୁଅରେ ବସି ଚିଠିପତ୍ର ଲେଖୁଥିଲେ । ସତ୍ୟା-ଗ୍ରହୀମାନେ ଗଛତଳେ ପଡ଼ିଆରେ ଶୋଉଥିଲେ । ଖୁବ୍ ସାଧାରଣ ଖାଦ୍ୟ ଖାଉଥିଲେ । ସତ୍ୟାଗ୍ରହୀମାନଙ୍କ ପାଇଁ କୌଣସି ପ୍ରକାର ଅଯଥା ବ୍ୟୟ ନ କରିବାକୁ ଗାନ୍ଧୀ ଗ୍ରାମବାସୀଙ୍କୁ କହୁଥିଲେ ।

ସପ୍ତାହରେ ଗୋଟିଏ ଦିନ ଗାନ୍ଧୀ ମୌନବ୍ରତ ପାଳନ କରୁଥିଲେ । ସେହି ଦିନଟି ହେଉଛି ସୋମବାର । ସତ୍ୟାଗ୍ରହୀମାନଙ୍କ ପାଇଁ ତାହା ବିଶ୍ରାମ ଦିନ । ଗାନ୍ଧୀ ଅନେକ ଆଗରୁ ସୋମବାର ଦିନ ଏହି ମୌନବ୍ରତ ପାଳନ କରୁଥିଲେ । ଯେବେ ସୋମବାର ଦିନ କୌଣସି ସଭାସମିତିରେ ଯୋଗ ଦେବାକୁ ପଡୁଥିଲା ତଥାପି ସେ ତାଙ୍କର ବ୍ରତ

Digitized by srujanika@gmail.com

ଭାଙ୍ଗୁ ନଥିଲେ । ଏପରିକି ଇଂରେଜ ବଡ଼ଲାଟଙ୍କ ସହିତ କେବେ ସୋମବାର ଦିନ ସାକ୍ଷାତ କରିବାକୁ ପଡ଼ୁଥିଲା, ଗାନ୍ଧୀ ପାଟି ଫିଟାଇ ନଥିଲେ । ସେ ତାଙ୍କର ଯାହା କହିବା କଥା କାଗଜରେ ଲେଖି ଦେଉଥିଲେ । ଗାନ୍ଧୀ କହୁଥିଲେ, "ସପ୍ତାହରେ ଗୋଟିଏ ଦିନ ବିଶ୍ରାମ ଦରକାର ।"

ସତ୍ୟାଗ୍ରହୀମାନେ ସରଳ ଜୀବନଯାପନ କରିବେ, ଗାନ୍ଧୀଙ୍କର ଏହାହିଁ ଥିଲା ପରାମର୍ଶ । ଗାନ୍ଧୀ କହିଥିଲେ, "ସ୍ୱରାଜ୍ୟ ପାଇଁ ପ୍ରଚୁର ଅର୍ଥ ଦରକାର ପଡ଼ିବ ନାହିଁ । ଲୋକମାନଙ୍କର ନିଷ୍ଠା, ତ୍ୟାଗ ଏବଂ ସତ୍ସାହସ ଦରକାର । କେବଳ ଟଙ୍କା ପଇସାରେ ସ୍ୱାଧୀନତା ଲଢ଼େଇ ଚାଲି ନଥାଏ ।"

'ଦାଣ୍ଡି ଯାତ୍ରା'ର ମୂଳ ଉଦ୍ଦେଶ୍ୟ ଥିଲା ସରକାରଙ୍କର ଲବଣ ଆଇନ ଭଙ୍ଗ କରିବା । ମାତ୍ର ଦେଖାଗଲା, ଦାଣ୍ଡି ଯାତ୍ରା ସାରା ଭାରତବର୍ଷରେ ଅପୂର୍ବ ଜାଗରଣ ସୃଷ୍ଟି କଲା । ସାଧାରଣ ଲୋକଙ୍କ ମନରେ ଦେଶ ପାଇଁ ଜାତିପାଇଁ ଆଗ୍ରହ ସୃଷ୍ଟି କରିପାରିଥିଲା ।

'ଦାଣ୍ଡି ଯାତ୍ରା' ଗରିବ ଜନସାଧାରଣ ଏବଂ ଗୃହୀମାନଙ୍କୁ ଏକାଠି କରି ପାରିଥିଲା । ଇଂରେଜ ସରକାର ଆମ ଦେଶର ଗରିବ ଲୋକଙ୍କର ଧନ ଲୁଟି କରୁଥିଲେ । ଗାନ୍ଧୀଙ୍କ 'ଦାଣ୍ଡି ଅଭିଯାନ' ଫଳରେ ଲୋକେ ଏହା ବେଶ୍ ବୁଝି ପାରିଥିଲେ । ସେ ଆମ ଦେଶର ଧନୀ, ଜମିଦାର ଏବଂ ରାଜାମାନଙ୍କର ଶୋଷଣ ନୀତିକୁ ମଧ୍ୟ ପସନ୍ଦ କରି ନ ଥିଲେ । ଯେଉଁମାନେ ଭୋଗବିଳାସରେ ବୁଡ଼ି ରହିଥିଲେ, ଗାନ୍ଧୀ ସେମାନଙ୍କୁ ସତର୍କ କରି ଦେଇଥିଲେ । ସେଥିପାଇଁ ଗାନ୍ଧୀ ତାଙ୍କର ଆଶ୍ରମ ପାଇଁ କଡ଼ା ନିୟମ ଗଢ଼ିଥିଲେ ।

ସତ୍ୟାଗ୍ରହୀମାନେ ଦୈନିକ ପରିଶ୍ରମ କରିବାକୁ ବାଧ୍ୟ । ସମସ୍ତେ ଭୋଗବିଳାସଠାରୁ ଦୂରରେ ରହିବା ଉଚିତ ବୋଲି ଗାନ୍ଧୀ ତାଗିଦ

Digitized by srujanika@gmail.com

କରି ଦେଇଥିଲେ । ତାଙ୍କର 'ଦାଣ୍ଡିଯାତ୍ରା' ସମୟରେ କେଉଁଠି ଗ୍ରାମବାସୀମାନେ ଭୋଜଭାତ କରି ସତ୍ୟାଗ୍ରହୀମାନଙ୍କୁ ଖାଇବାକୁ ଦେଲେ ଗାନ୍ଧୀ ବିରକ୍ତ ହେଉଥିଲେ । ଗାନ୍ଧୀ କହୁଥିଲେ, "ଆମ୍ଭେମାନେ ଯେବେ ଗରିବ ଲୋକଙ୍କ ପଇସାରେ ଭୋଗବିଳାସ କରିବା, ତେବେ ଇଂରେଜ ସରକାରଙ୍କୁ ଆମେ କାହିଁକି ସମାଲୋଚନା କରିବା ? ଅନ୍ୟର ପରିଶ୍ରମରେ ବଞ୍ଚିବା ଅର୍ଥ ଚୋରିକରି ବଞ୍ଚିବା ।"

ଦାଣ୍ଡି ଯାତ୍ରାର ଲମ୍ବା ରାସ୍ତାର ଦୁଇ ପାଖରେ ବହୁତ ଗାଁଗଣ୍ଡା ପଡ଼ୁଥିଲା । ପ୍ରତି ଗାଆଁରେ ଲୋକମାନେ ଗାନ୍ଧୀଙ୍କର ଲବଣ ସତ୍ୟାଗ୍ରହକୁ ସମର୍ଥନ ଜଣାଇଲେ । ସେମାନେ ମଧ୍ୟ ଆଇନ ଅମାନ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଲେ ।

ସାରା ଦେଶର ଆଖି ଗାନ୍ଧୀଙ୍କ ଉପରେ ପଡ଼ିଥିଲା । 'ଦାଣ୍ଡି ଯାତ୍ରା' ସମ୍ବାଦ ବଡ଼ ବଡ଼ ଅକ୍ଷରରେ ଦେଶବିଦେଶର ଖବରକାଗଜରେ ପ୍ରକାଶିତ ହେଲା । ଗାନ୍ଧୀଙ୍କ ଡାକରା ଶୁଣି ଅନେକ ଗ୍ରାମର ଦଳପତି ସରକାରୀ ଚାକିରିରୁ ଇସ୍ତଫା ଦେଇଥିଲେ । କେତେକ ସ୍ଥାନରେ ସରକାରୀ କର୍ମଚାରୀ ମଧ୍ୟ ଚାକିରିରୁ ଇସ୍ତଫା ଦେଇଥିଲେ ।

ଲୋକମାନେ କେତେକ ସ୍ଥାନରେ ସରକାରୀ କର୍ମଚାରୀଙ୍କୁ ବାସନ୍ଦ କରିଥିଲେ । ଏପରି କର୍ମଚାରୀମାନଙ୍କୁ ଲୋକେ ଜିନିଷପତ୍ର ବିକ୍ରି କଲେ ନାହିଁ । ଗାନ୍ଧୀ ଏହି ଖବର ପାଇ ଦୁଃଖପ୍ରକାଶ କରିଥିଲେ । ସେ କହିଲେ, କାହାକୁ ଖାଦ୍ୟ ଜିନିଷ ନଦେଇ ଭୋକ ଉପାସରେ ରଖିବା ଠିକ୍ ନୁହେଁ । ସେ ଲୋକଙ୍କୁ ବୁଝାଇଲେ, "ଦରକାର ପଡ଼ିଲେ ଶତ୍ରୁକୁ ମଧ୍ୟ ମୁଁ ସାହାଯ୍ୟ କରିବି ।" ଇଂରେଜ ସରକାରଙ୍କ କର୍ମଚାରୀ ଜେନେରାଲ ଡାୟାର ବଡ଼ ନିଷ୍ଠୁର ଭାବରେ ଜାଲିଆନାବାଗ୍ ସଭାରେ ଶହ ଶହ ନିରୀହ ଲୋକଙ୍କୁ ଗୁଳି କରି ମାରିଥିଲେ । ଏହା ୧୯୦୯ ମସିହାର ଘଟଣା । ସେହି ସମୟରେ ଜେନେରାଲ ଡାୟାରଙ୍କୁ ସବୁ ଲୋକେ ଧିକ୍କାର କରିଥିଲେ । କେହି କେହି କ୍ରୋଧ ପ୍ରକାଶ କରିଥିଲେ । ତାଙ୍କ ଉପରେ ପ୍ରତିଶୋଧ

Digitized by srujanika@gmail.com

ନେବାପାଇଁ ବନ୍ଦୀମାନେ ସୁଯୋଗ ଖୋଜୁଥିଲେ । ବର୍ତ୍ତମାନ ଗାନ୍ଧୀ ସେହି ଘଟଣାକୁ ମନେପକାଇ କହିଲେ, "ଜେନେରାଲ ଡାୟାରଙ୍କୁ ଯେବେ ସାପ କାମୁଡ଼େ, ତାହାହେଲେ ମୁଁ ତାଙ୍କ ଶରୀରରୁ ବିଷକୁ ଶୋଷି ନେବି ।"

ଏହି ସମୟରେ ଆଉ ଗୋଟିଏ ଘଟଣା ଘଟିଥିଲା । ତାହା ହେଉଛି ଖଡ୍‌ଗ ବାହାଦୁର ନାମରେ ଜଣେ ଗୁର୍ଖା ଗାନ୍ଧୀଙ୍କୁ ଭେଟିଲେ । ସେ ଦାଣ୍ଡି ଯାତ୍ରାରେ ଜଣେ ସତ୍ୟାଗ୍ରହୀ ହେବା ପାଇଁ ଗାନ୍ଧୀଙ୍କର ଅନୁମତି ମାଗିଥିଲେ । ଗାନ୍ଧୀ ତାଙ୍କୁ ଅନୁମତି ଦେଲେ ନାହିଁ । ଗୁର୍ଖା ଜଣକ ପୁଣି ଗାନ୍ଧୀଙ୍କୁ ଅନୁରୋଧ କଲେ । ଗାନ୍ଧୀ ତାଙ୍କ ନିଷ୍ପତ୍ତିରେ ଅଟଳ । ଗୁର୍ଖା ଜଣକ ତେଣୁ ତାଙ୍କ ମନର କଥା ଖୋଲି କହିଥିଲେ । ସେ କହିଥିଲେ, "ଜାଲିଆନାବାଗ୍ ହତ୍ୟାକାଣ୍ଡରେ ଜେନେରାଲ ଡାୟାରଙ୍କୁ କେତେକ ଗୁର୍ଖା ସୈନ୍ୟ ସାହାଯ୍ୟ କରିଥିଲେ । ସେହି ଗୁର୍ଖାମାନଙ୍କର ପାପ ପାଇଁ ମୁଁ ପ୍ରାୟଶ୍ଚିତ୍ତ କରିବାକୁ ଚାହେଁ ଏବଂ ସେଥିପାଇଁ ଦାଣ୍ଡି ଯାତ୍ରାରେ ମୁଁ ଜଣେ ସତ୍ୟାଗ୍ରହୀ ଭାବରେ କାର୍ଯ୍ୟ କରିବି ।"

ଗାନ୍ଧୀ ଏହାପରେ ସେହି ଭଦ୍ରବ୍ୟକ୍ତିଙ୍କୁ ତାଙ୍କ ସତ୍ୟାଗ୍ରହ ଦଳରେ ଯୋଗଦେବା ପାଇଁ ଅନୁମତି ଦେଇଥିଲେ । ପ୍ରଥମେ ସତ୍ୟାଗ୍ରହୀଙ୍କ ସଂଖ୍ୟା ୭୮ ଥିଲା । ବର୍ତ୍ତମାନ ଆଉ ଜଣେ ଅଧିକା ହେଲେ ।

ସାବରମତୀ ଆଶ୍ରମରୁ ଦାଣ୍ଡିରେ ପହଞ୍ଚିବା ପାଇଁ ପ୍ରାୟ ଚବିଶ ଦିନ ଲାଗିଥିଲା । ଖବରକାଗଜରେ 'ଦାଣ୍ଡି ଯାତ୍ରା'ର ଦିନକିଆ ବିବରଣୀ ପ୍ରକାଶିତ ହେଉଥିଲା । ଜବାହରଲାଲ ନେହେରୁ ସେତେବେଳେ ଜାତୀୟ କଂଗ୍ରେସର ସଭାପତି ଥିଲେ ।

ଗାନ୍ଧୀଙ୍କର 'ଦାଣ୍ଡି ଯାତ୍ରା'କୁ ଲକ୍ଷ୍ୟ କରି ସେ ଦେଶବାସୀଙ୍କୁ ନିଜନିଜର କର୍ତ୍ତବ୍ୟ କରିବାକୁ ନିବେଦନ କରିଥିଲେ। ସେ କହିଥିଲେ, "ଷାଠିଏ ବର୍ଷରୁ ବଡ଼ ଜଣେ ବୃଦ୍ଧ ଆଜି ଦେଶବାସୀଙ୍କ ସାମନାରେ

Digitized by srujanika@gmail.com

ଯେଉଁ ଆଦର୍ଶ ରଖିଛନ୍ତି, ତାହା କେଡ଼େ ପବିତ୍ର, କେଡ଼େ ମହାନ୍ ! ଆଜ ଆମ୍ଭେମାନେ ଲୁଣ ମାରିବା, ବିଦେଶୀ ସରକାରଙ୍କର ଆଇନ ଅମାନ୍ୟ କରିବା; କିନ୍ତୁ ଆମର ଲକ୍ଷ୍ୟ କଅଣ ? ଆମର ଲକ୍ଷ୍ୟ ହେଉଛି ଆମ ଦେଶର ସ୍ୱାଧୀନତା । ଦାଣ୍ଡିଯାତ୍ରା ଆମ ଲକ୍ଷ୍ୟ ହାସଲର ଗୋଟାଏ ଶାନ୍ତିପୂର୍ଣ୍ଣ ପନ୍ଥା ।''

ଜାତୀୟ କଂଗ୍ରେସ ମାର୍ଚ୍ଚ ୨୧ ତାରିଖରେ ଅହମଦାବାଦଠାରେ ବସିଥିଲା । ମହାତ୍ମା ଗାନ୍ଧୀଙ୍କର 'ଦାଣ୍ଡିଯାତ୍ରା' କାର୍ଯ୍ୟକୁ କଂଗ୍ରେସ ଅନୁମୋଦନ କରିଥିଲେ । କଂଗ୍ରେସ ଭାବିଥିଲା ଗାନ୍ଧୀଙ୍କର ଏହି ସତ୍ୟାଗ୍ରହକୁ ଦେଶବାସୀ ପସନ୍ଦ କରିବେ । ପ୍ରକୃତରେ ଗାନ୍ଧୀଙ୍କର ବାଣୀ ଦେଶବାସୀଙ୍କ ମନକୁ ବେଶ୍ ଛୁଇଁପାରିଥିଲା ।

ସତ୍ୟାଗ୍ରହୀମାନଙ୍କୁ ପରାମର୍ଶ :

ଦାଣ୍ଡିଯାତ୍ରା ସମୟରେ ଜବାହରଲାଲ ନେହେରୁ ଗାନ୍ଧୀଙ୍କୁ ଜାମ୍ବୁସାର ନାମକ ଏକ ଗାଁ ନିକଟରେ ଭେଟିଥିଲେ । ନେହେରୁଙ୍କ ସହିତ ତାଙ୍କ ବାପା ମୋତିଲାଲ ନେହେରୁ ଥିଲେ । ଲବଣ ସତ୍ୟାଗ୍ରହର କର୍ମୀ ଏବଂ ସ୍ୱେଚ୍ଛାସେବକମାନେ କଂଗ୍ରେସର ଆଦର୍ଶକୁ ମାନି ଚଳୁଥିଲେ । କଂଗ୍ରେସ କେତେକ ନୀତି ସ୍ଥିର କରିଥିଲା । ପ୍ରତ୍ୟେକ ସତ୍ୟାଗ୍ରହୀଙ୍କୁ ଶପଥ ନେବାକୁ ପଡ଼ୁଥିଲା । ସେହି ଘୋଷଣାପତ୍ରଟି ଏହିପରି ଥିଲା – ''ଭାରତବର୍ଷର ସ୍ୱାଧୀନତା ପାଇଁ ମୁଁ କଂଗ୍ରେସର ଆଇନ ଅମାନ୍ୟ ଆନ୍ଦୋଳନରେ ଯୋଗଦେବାକୁ ଚାହେଁ ।

ଭାରତର ପୂର୍ଣ୍ଣ ସ୍ୱରାଜ୍ୟ ପାଇଁ ଶାନ୍ତିପୂର୍ଣ୍ଣ ପନ୍ଥାରେ ମୁଁ ଆନ୍ଦୋଳନ କରିବି ।

ମୁଁ ସତ୍ୟାଗ୍ରହୀ ଭାବରେ ଜେଲ୍ ଯିବାପାଇଁ ପ୍ରସ୍ତୁତ ହେବି । ମୋତେ ଯେବେ ଗିରଫ କରାଯାଏ ଆଉ ମୁଁ ଜେଲ୍ ଯାଏ, ମୁଁ ମୋର ପରିବାର ପାଇଁ କୌଣସି ସାହାଯ୍ୟ ଚାହିଁବି ନାହିଁ ।

Digitized by srujanika@gmail.com

ମୁଁ ସତ୍ୟାଗ୍ରହୀ ଭାବରେ ଦଳପତିଙ୍କର ଆଦେଶ ମାନି କାର୍ଯ୍ୟ କରିବ ।”

କଂଗ୍ରେସର ଏହି ଶପଥ ପତ୍ରରେ ଦସ୍ତଖତ କରିବା ପାଇଁ ହଜାର ହଜାର ସ୍ୱେଚ୍ଛାସେବକ ଆଗେଇ ଆସିଥିଲେ । ସତ୍ୟାଗ୍ରହୀମାନଙ୍କର 'ଦାଣ୍ଡି-ଯାତ୍ରା' ଚାଲିଥିଲା । ସବୁଠାରେ ତିରଙ୍ଗା ପତାକା ଉଡ଼ୁଥିଲା । ନେତାମାନେ ବିଭିନ୍ନ ସ୍ଥାନରେ ବକ୍ତୃତା ଦେଉଥିଲେ । କେତେକ ସ୍ଥାନରେ ସତ୍ୟାଗ୍ରହୀ-ମାନେ ଗିରଫ ହେଲେ । ପୋଲିସ ସେମାନଙ୍କ ଉପରେ ଅତ୍ୟାଚାର କରିଥିଲେ । ଗାନ୍ଧୀଙ୍କର ନିର୍ଦ୍ଦେଶ ଅନୁଯାୟୀ ସତ୍ୟାଗ୍ରହୀମାନେ କୌଣସି ହିଂସାକାଣ୍ଡ କରି ନଥିଲେ ।

ସେମାନେ ଶାନ୍ତିପୂର୍ଣ୍ଣ ଭାବରେ ପୋଲିସଙ୍କର ଆଦେଶକୁ ଅମାନ୍ୟ କରୁଥିଲେ । ଜନସାଧାରଣଙ୍କ ଭିତରେ ଅଦ୍ଭୁତ ଦେଶପ୍ରେମ ଦେଖାଦେଇ-ଥିଲା । ଇଂରେଜ ସରକାର ଗାନ୍ଧୀଙ୍କର ଏମିତି ଶାନ୍ତିପୂର୍ଣ୍ଣ ଦାଣ୍ଡିଯାତ୍ରାକୁ ଲକ୍ଷ୍ୟ କରିଥିଲେ । ଜନସାଧାରଣଙ୍କର ଦେଶପ୍ରେମ ମଧ୍ୟ ସମସ୍ତେ ଅନୁଭବ କଲେ । ଇଂରେଜ ସରକାର ତେଣୁ ଗୋଟିଏ କୌଶଳ କଲେ । ସଙ୍ଗେ ସଙ୍ଗେ ସରକାର ଘୋଷଣା କଲେ ଯେ, 'ଲବଣ ଆଇନ' ପ୍ରଶ୍ନ ବିଚାର କରାଯିବ । ଲୋକଙ୍କୁ ଏଣିକି କମ୍ ଦରରେ ଲୁଣ ମିଳିପାରିବ । ମାତ୍ର ଗାନ୍ଧିଜୀ ସରକାରଙ୍କର ଏହି ଘୋଷଣାରେ ସନ୍ତୁଷ୍ଟ ହୋଇନଥିଲେ । ସେ ତାଙ୍କ ସତ୍ୟାଗ୍ରହ ଚାଲୁ ରଖିବା ପାଇଁ ଜିଦ୍ କରିଥିଲେ । କ୍ରମେ କ୍ରମେ ସତ୍ୟାଗ୍ରହୀମାନେ 'ଦାଣ୍ଡି' ସମୁଦ୍ରକୂଳ ନିକଟରେ ପହଞ୍ଚିଲେ ।

ସମୁଦ୍ର ପବନ ସତେ ଯେମିତି ସତ୍ୟାଗ୍ରହୀମାନଙ୍କୁ ସ୍ୱାଗତ ଜଣାଇଲା । ସମୁଦ୍ରକୂଳର ଧାଡ଼ି ଧାଡ଼ି ତାଳଗଛ ସତ୍ୟାଗ୍ରହୀମାନଙ୍କୁ ଦେଖା ଯାଇଥିଲା । ପକ୍ଷୀମାନେ ସମୁଦ୍ରକୂଳରେ ଆନନ୍ଦରେ ଉଡ଼ି ବୁଲୁଥିଲେ । 'ନବଶ୍ରୀ' ଗ୍ରାମ ମୁଣ୍ଡରେ ଗାନ୍ଧୀ ଗୋଟିଏ ସଭା କରିଥିଲେ । ସେଦିନ ସେ ସଭାରେ ଘୋଷଣା କରିଥିଲେ, "ଆମ୍ଭେମାନେ ଏହି ସତ୍ୟାଗ୍ରହରେ ଜୟ କରିବା, ନଚେତ୍ ମୁଁ ଆଉ ଏଠାରୁ ଫେରିବି ନାହିଁ । ମୋର ଶବ ସମୁଦ୍ରରେ ଭାସିବ ।"

Digitized by srujanika@gmail.com

ଶେଷରେ ଏପ୍ରିଲ ମାସ ଛ' ତାରିଖ ଦିନ ଗାନ୍ଧୀ ଦାଣ୍ଡି ନିକଟରେ ସରକାରଙ୍କ ଲବଣ ଆଇନ ଭଙ୍ଗ କରିବେ ବୋଲି ଦେଶବାସୀଙ୍କୁ ଜଣାଇ ଦେଲେ । ଗାନ୍ଧୀ ତାଙ୍କର ପତ୍ରିକା 'ୟଙ୍ଗ ଇଣ୍ଡିଆ'ରେ ଏକ ଲେଖା ପ୍ରକାଶ କରିଥିଲେ ।

ଏପ୍ରିଲ ମାସ ପାଞ୍ଚ ତାରିଖ । ସକାଳ ବେଳା ଗାନ୍ଧୀ ଏବଂ ସତ୍ୟାଗ୍ରହୀ ଦଳ 'ଦାଣ୍ଡି'ରେ ପହଞ୍ଚିଯାଇଥିଲେ । ସମୁଦ୍ର କୂଳରେ ଜଣେ ବ୍ୟବସାୟୀଙ୍କର ଗୋଟିଏ ଛୋଟ କୋଠରି ଥିଲା । ବ୍ୟବସାୟୀ ଜଣକ ଗାନ୍ଧୀଙ୍କୁ ରହିବା ପାଇଁ ତାଙ୍କର ସେହି କୋଠରି ଛାଡ଼ିଦେଲେ । କୋଠରିରୁ ସମୁଦ୍ରର ଦୃଶ୍ୟ ଖୁବ୍ ଚମତ୍କାର ଦେଖାଯାଉଥିଲା ।

ଗାନ୍ଧୀ ସାରା ଦିନଟି ପ୍ରାର୍ଥନା, ଭଜନ ଏବଂ କର୍ମୀମାନଙ୍କ ସହ କଥାବାର୍ତ୍ତା କରିବାରେ ବ୍ୟସ୍ତ ରହିଲେ । ବାଇବେଲ ଧର୍ମବାଣୀ ଆବୃତ୍ତି କରାଯାଇଥିଲା । 'ଦାଣ୍ଡି'ଠାରେ ମଧ୍ୟ ଦର୍ଶକମାନଙ୍କ ଭିଡ଼ ଜମିଥିଲା । କେତେକ ବିଦେଶୀ ସାମ୍ବାଦିକ ମଧ୍ୟ ସେଠାରେ ଉପସ୍ଥିତ ହୋଇଥିଲେ । ସେମାନେ ଗାନ୍ଧୀଙ୍କୁ ସାକ୍ଷାତ କରିବାକୁ ଚାହୁଁଥିଲେ ।

ରାତି ପାହିଲା । ଏପ୍ରିଲ ମାସ ଛ' ତାରିଖ । ଗାନ୍ଧୀ ନିଜେ ଲୁଣମାରି ସରକାରଙ୍କ ଆଇନ ଭଙ୍ଗ କରିବେ । ଗାନ୍ଧୀ ଯେଉଁ କୋଠରିରେ ରହିଥିଲେ, ତା'ର ଚାରିପଟେ ପୋଲିସ ଜଗି ରହିଥିଲେ ।

ଗାନ୍ଧୀ ତାଙ୍କର 'ଦାଣ୍ଡିଯାତ୍ରା'ର ଅନୁଭୂତି ବର୍ଣ୍ଣନାକରି କହିଥିଲେ, ମୁଁ ଇଂରେଜ ସରକାରଙ୍କୁ ଧନ୍ୟବାଦ ନ ଦେଇ ରହି ପାରୁନାହିଁ । ଆମର 'ଦାଣ୍ଡିଯାତ୍ରା' ରାସ୍ତାରେ ସରକାର ଆମକୁ କୌଣସି ବାଧା ଦେଇନାହିଁ । ବର୍ତ୍ତମାନ ଆମେ ଲବଣ ଆଇନ ଅମାନ୍ୟ କରିବୁ ଏବଂ ଲୁଣ ମାରିବୁ । ସରକାର ଆମକୁ ବିରୋଧ କରିବେ ନାହିଁ ବୋଲି ଆମର ଆଶା । ଆଗାମୀ କାଲି ସକାଳ ସାଢ଼େ ଛଅଟାରେ ଏହି ସମୁଦ୍ର କୂଳରେ ଲୁଣମାରିବା କାର୍ଯ୍ୟ ଆରମ୍ଭ ହେବ ।

Digitized by srujanika@gmail.com

ଗାନ୍ଧୀ ଏବଂ ସତ୍ୟାଗ୍ରହୀମାନେ ଲବଣ ଆଇନ୍ ଭଙ୍ଗ କଲେ

ଏପ୍ରିଲ ମାସ ଛ’ ତାରିଖ ସକାଳ । ଗାନ୍ଧୀ ତାଙ୍କ କୋଠରୀ ଭିତରୁ ବାହାରକୁ ଆସିଲେ । ସମୁଦ୍ରର ସୁଲୁସୁଲିଆ ପବନ ବହୁଥିଲା ।

Digitized by srujanika@gmail.com

ଗୋଟିକ ପରେ ଗୋଟିଏ ଢେଉ ସମୁଦ୍ରର ବେଳାଭୂମିରେ ଲୋଟି ପଡ଼ୁଥିଲା । ଗାନ୍ଧୀଙ୍କୁ ଦେଖିବା ମାତ୍ରେ ହଜାର ହଜାର ଦର୍ଶକ ଆନନ୍ଦରେ ଧ୍ୱନି ଦେଉଥିଲେ ।

ଗାନ୍ଧୀ ସମୁଦ୍ର ପାଣିଭିତରକୁ ପଶିଥିଲେ ଏବଂ ତା'ପରେ ସତ୍ୟାଗ୍ରହୀ-ମାନଙ୍କୁ ସାବଧାନ କରାଇଦେଲେ । "ବର୍ତ୍ତମାନ ସତ୍ୟାଗ୍ରହର ସମୟ", ଏହାକହି ଗାନ୍ଧୀ ନିଜେ ତଳକୁ ନଇଁ ପଡ଼ିଲେ । ମୁଠାଏ ଲୁଣ ଟେକିଲେ । ଦର୍ଶକମାନେ ଏହି ଦୃଶ୍ୟ ଦେଖୁଥିଲେ । ଗାନ୍ଧୀଙ୍କର ମୁଖମଣ୍ଡଳରେ ଗୋଟାଏ ତେଜ ଫୁଟି ଉଠିଥିଲା । ଗାନ୍ଧୀଙ୍କ ପାପୁଲିରେ ଧୋବଲ ଧୋବଲ ଲୁଣ ମୁକ୍ତା ଭଳିଆ ଝଟକୁଥିଲା । ଗାନ୍ଧୀ ଦର୍ଶକମାନଙ୍କୁ କହୁଥିଲେ, ଭାରତବର୍ଷର ସ୍ୱାଧୀନତା ଲଢ଼େଇରେ ଏହି ଲୁଣ ମୁଠାକ ଗୋଟାଏ ନୂଆ ଚିହ୍ନ । ଏହାପରେ ସତ୍ୟାଗ୍ରହୀମାନେ ସେହି ସମୁଦ୍ର କୂଳରେ ଲୁଣ ମାରିଥିଲେ । ଆଖପାଖ ଗାଁର ସ୍ୱେଚ୍ଛାସେବକମାନେ ଆସି ପହଞ୍ଚିଥିଲେ । ସେମାନେ ମଧ୍ୟ ଲୁଣ ମାରିଲେ । ସେଠାରେ ବସ୍ତା ବସ୍ତା ଲୁଣ ଜମା ହେଲା । ସତ୍ୟାଗ୍ରହୀମାନେ ଖୁବ୍ ଶାନ୍ତିପୂର୍ଣ୍ଣ ଭାବରେ କାର୍ଯ୍ୟ କରିଥିଲେ ।

ସରକାରଙ୍କ ପୋଲିସ ପଲଟଣ ବସ୍ତା ବସ୍ତା ଲୁଣ ଜବତ କରିଥିଲେ । ସତ୍ୟାଗ୍ରହୀମାନେ କିଛି ଆପତ୍ତି କରି ନଥିଲେ । ମାତ୍ର ପୁଣି ଲୁଣମାରି-ଚାଲିଥିଲେ । ଗାନ୍ଧୀ ଓ ସତ୍ୟାଗ୍ରହୀମାନେ ଏହିପରି ସରକାରଙ୍କ ଲବଣ ଆଇନ୍ ଭଙ୍ଗ କରିଥିଲେ । 'ଦାଣ୍ଡି' ଘଟଣା ପରେ ଦେଶର ବିଭିନ୍ନ ରାଜ୍ୟରେ ଲୋକେ ଲୁଣ ମାରିଲେ ।

ସେମାନେ ପୋଲିସର ଅତ୍ୟାଚାର ଏବଂ ଗିରଫକୁ ଖାତିର କରି ନଥିଲେ । ଗାନ୍ଧୀ ଲୋକଙ୍କୁ ନିବେଦନ କରିଥିଲେ, କେହି ବିଲାତି ଲୁଗା କିଣିବେ ନାହିଁ କି ପିନ୍ଧିବେ ନାହିଁ । ଗୃହଅଡ଼େ ସଭାସମିତି ହେଲା । ଆଇନ ଅମାନ୍ୟ ଆନ୍ଦୋଳନ ସମ୍ବାଦ ପତ୍ରପତ୍ରିକାରେ ପ୍ରକାଶ ପାଇଲା ।

ଏହି ଆନ୍ଦୋଳନ ସାରା ପୃଥିବୀରେ ବ୍ୟାପିଯାଇଥିଲା । ଗାନ୍ଧୀ କହିଥିଲେ, "ସତ୍ୟାଗ୍ରହୀ ହାତମୁଠାରେ ଯେଉଁ ଲୁଣ, ତାହା ଆମ ଦେଶର ଏବଂ ଜାତିର ସମ୍ମାନ । ଦାଣ୍ଡିଠାରେ କେତେକ ମହିଳା ମଧ୍ୟ

Digitized by srujanika@gmail.com

ସତ୍ୟାଗ୍ରହରେ ଯୋଗ ଦେଇଥିଲେ । ପୋଲିସ ସତ୍ୟାଗ୍ରହୀମାନଙ୍କୁ ଗିରଫ କରିଥିଲେ । ମାତ୍ର ସତ୍ୟାଗ୍ରହୀମାନେ ଜବାବ ଦେଇଥିଲେ, "ଜେଲ୍ ଜୋରିମାନାକୁ ଆମର ଭୟ ନାହିଁ, ଆମେ ଚାହୁଁ ଆମର ସ୍ୱାଧୀନତା, ଆମେ ସତ୍ୟାଗ୍ରହ ବନ୍ଦ କରିବୁ ନାହିଁ ।"

ଏହି ସମୟରେ ବମ୍ବେ ସହରରେ ପୋଲିସ କଂଗ୍ରେସ ଅଫିସ ଉପରେ ଚଢ଼ାଉ କରିଥିଲେ । ମାତ୍ର କେତେଜଣ ମହିଳା କର୍ମୀ ପୋଲିସକୁ ବାଧା ଦେଇଥିଲେ । ସେମାନେ ପୋଲିସକୁ ଅଫିସ ଭିତରକୁ ଯିବାକୁ ଦେଇ ନଥିଲେ । ପୋଲିସ ସେଠାରେ ଥିବା କେତେ ଲୁଣ ହାଣ୍ଡିକୁ ଜବରଦସ୍ତି ଭାଙ୍ଗି ଦେଇଥିଲେ । ତଥାପି ସତ୍ୟାଗ୍ରହୀମାନେ ଅଟଳ ରହିଥିଲେ । ଜାତୀୟ ସଙ୍ଗୀତ ଧ୍ୱନିରେ ଚତୁର୍ଦ୍ଦିଗ କମ୍ପି ଉଠିଥିଲା ।

ସତ୍ୟାଗ୍ରହୀମାନଙ୍କର ଲୁଣ କମ୍ ଦାମ୍‌ରେ ଲୋକଙ୍କୁ ଦିଆଯାଉଥିଲା । ଗାନ୍ଧୀ ଯେଉଁ ମୁଠାଏ ଲୁଣ ତୋଳିଥିଲେ, ତା'ର ମୂଲ୍ୟ ହେଲା ଟ ୧୬୦୦ (ଷୋଳଶହ ଟଙ୍କା) । ଦେଖୁ ଦେଖୁ ଲବଣ ସତ୍ୟାଗ୍ରହ ସାରା ଦେଶରେ ବ୍ୟାପିଯାଇଥିଲା । ଶହ ଶହ ସତ୍ୟାଗ୍ରହୀ ଏବଂ ସ୍ୱେଚ୍ଛାସେବକ ଗିରଫ ହେଲେ । ପ୍ରାୟ ଏକ ଲକ୍ଷ ଲୋକଙ୍କୁ ଜେଲ୍‌ରେ ଭର୍ତ୍ତିକରାଯାଇଥିଲା । ଦିନକୁ ଦିନ ସରକାର କଠୋର ହସ୍ତରେ ସତ୍ୟାଗ୍ରହୀମାନଙ୍କୁ ଦମନ କଲେ । ପୋଲିସର ଲାଠି ମାଡ଼ରେ ସତ୍ୟାଗ୍ରହୀମାନେ ଖଣ୍ଡିଆଖାବରା ହେଲେ । କାହାର ହାତ ଭାଙ୍ଗିଲା, କାହାର ମୁଣ୍ଡ ଫାଟିଲା, କାହାର ଗୋଡ଼ ଭାଙ୍ଗିଲା । ଯିଏ ଲୁଣ ମାରୁଥିଲା ପୋଲିସ ତା' ଉପରକୁ କୁଦି ପଡ଼ୁଥିଲା । ପୋଲିସ ତାକୁ ତଳେ ପକାଇ ପ୍ରହାର କରୁଥିଲା । ପୋଲିସ ତାର ଗୋଡ଼ ହାତ ବାନ୍ଧି ତାକୁ ନେଇ ଜେଲ୍‌ରେ ଫିଙ୍ଗି ଦେଉଥିଲା । ସରକାରଙ୍କ ଏପରି ଅତ୍ୟାଚାର ଲୀଳା କହିଲେ ନ ସରେ । ତଥାପି ସାରା ଦେଶରେ ଲୋକେ ପଛଘୁଞ୍ଚା ଦେଇ ନଥିଲେ । ଲୋକେ ଘରକ୍ଷଣରେ ସରକାରୀ କର୍ମଚାରୀମାନଙ୍କୁ ସାମାଜିକ ବାସନ୍ଦ କରିଥିଲେ ।

Digitized by srujanika@gmail.com

ଭାରତର ବିଭିନ୍ନ ସହରରେ ଲବଣ ସତ୍ୟାଗ୍ରହ

ଦିଲ୍ଲୀ ସହରରେ ଦଶଜଣ ସତ୍ୟାଗ୍ରହୀଙ୍କୁ ପୋଲିସ ମାଡ଼ମାରି ରକ୍ତାକ୍ତ କରି ଦେଇଥିଲା । ବିହାର ରାଜ୍ୟରେ ସତ୍ୟାଗ୍ରହୀମାନେ ଦଳ ଦଳ କରି ସରକାରଙ୍କ ଆଇନ୍ ଅମାନ୍ୟ କରିଥିଲେ । ପାଟନା ସହରରୁ ହଜାର ହଜାର ସତ୍ୟାଗ୍ରହୀ ଲୁଣ ମାରିବା ପାଇଁ ଯାଉଥିଲେ । ପୋଲିସ ସେମାନଙ୍କୁ ଘେରାଉ କରିଥିଲା । ଲୋକମାନେ ଚାରିଶ ଘଣ୍ଟା ପର୍ଯ୍ୟନ୍ତ ରାସ୍ତାରେ ଖରା କାକରରେ ଶୋଇରହିଥିଲେ । ଜଣେ ଗୋରା ପୋଲିସ ଅଫିସରଙ୍କ ଆଦେଶରେ କେତେ ଅଶ୍ୱାରୋହୀ ପୋଲିସ ସତ୍ୟାଗ୍ରହୀମାନଙ୍କ ଉପରେ ଚଢ଼ାଉ କଲେ । ତଥାପି ଲୋକମାନେ ସେହି ସ୍ଥାନରୁ ହଟୁନଥିଲେ । ରାଜେନ୍ଦ୍ର ପ୍ରସାଦ ସତ୍ୟାଗ୍ରହୀମାନଙ୍କର ନେତୃତ୍ୱ ନେଇଥିଲେ ।

ଗୋରା ସିପାହୀମାନେ ପଶୁଭଳିଆ ସତ୍ୟାଗ୍ରହୀମାନଙ୍କୁ ପ୍ରହାର କରିଥିଲେ ।

ପେଶାବାର୍‌ଠାରେ ମଧ୍ୟ ଗୋରା ଫଉଜ ସତ୍ୟାଗ୍ରହୀମାନଙ୍କ ଉପରେ ଗୁଳି ଚଳାଇଥିଲେ । ସେଠାରେ ପୋଲିସର ଜଘନ୍ୟ ଅତ୍ୟାଚାରର ସୀମା ଲଙ୍ଘନ କରିଥିଲା । ତଥାପି ଜନସାଧାରଣ ଶାନ୍ତିପୂର୍ଣ୍ଣ ଭାବରେ ପ୍ରତିବାଦ କରୁଥିଲେ । ପ୍ରତ୍ୟେକ ସ୍ଥାନରେ ସତ୍ୟାଗ୍ରହୀମାନଙ୍କ ସହିତ ଲୋକେ ହାତ ମିଳାଉଥିଲେ ।

ଇଂରେଜ ସରକାର ଲବଣ ସତ୍ୟାଗ୍ରହକୁ ମୂଳପୋଛ କରିଦେବା ପାଇଁ ଲାଗିପଡ଼ିଥିଲେ । ଭାରତ ମାଟିରେ ଅତ୍ୟାଚାରର ସୁଅ ଛୁଟିଥିଲା । ତଥାପି ଲବଣ ସତ୍ୟାଗ୍ରହ ବନ୍ଦ ହୋଇନଥିଲା । କରାଚୀ, ମାନ୍ଦ୍ରାସ, ଓଡ଼ିଶା, ବଙ୍ଗଳା ରାଜ୍ୟରେ ଏହି ଆନ୍ଦୋଳନ ପ୍ରବଳ ଆକାର ଧାରଣ କରିଥିଲା । ଗାନ୍ଧୀ ଭାଇସ୍‌ରାୟଙ୍କୁ ଚିଠି ଲେଖି ସରକାରଙ୍କର ଦମନ ଲୀଳାର ପ୍ରତିବାଦ କଲେ । ଏହା ୧୯୩୦ ମସିହା ମେ ମାସର ଘଟଣା ।

Digitized by srujanika@gmail.com

ଗାନ୍ଧୀ ସେତେବେଳେ 'ଦାଣ୍ଡି' ନିକଟରେ ରହୁଥିଲେ । ସେ କହୁଥିଲେ "ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହୀମାନଙ୍କୁ ପଶୁବଳ ପ୍ରହାର କରିବା କଣ ସଭ୍ୟ ସରକାରଙ୍କର ନୀତି ? ମାନ୍ଦ୍ରାସଠାରେ ନିରୀହ ସତ୍ୟାଗ୍ରହୀଙ୍କ ଉପରେ ଗୁଳି ଚଳାଇବା କଅଣ ଶାସନର ଆଦର୍ଶ ।" ବଙ୍ଗଳା ଏବଂ ଓଡ଼ିଶାରେ ଅତ୍ୟାଚାର ଲୀଳା ଜଣା ପଡ଼ିଥିଲା । ସତ୍ୟାଗ୍ରହର ନିୟମ ଅନୁଯାୟୀ, ସତ୍ୟାଗ୍ରହୀମାନେ କଷ୍ଟ ଅତ୍ୟାଚାର ସହୁଥିଲେ, ପୋଲିସଠାରୁ ମାଡ଼ ଖାଉଥିଲେ । କୌଣସି ସଭ୍ୟ ଦେଶରେ ନିରୀହ ଲୋକଙ୍କ ଉପରେ ଏମିତି ଅତ୍ୟାଚାର କରାଯାଏ ନାହିଁ । ଗାନ୍ଧୀ ଭାଇସ୍‌ରାୟ ଲର୍ଡ ଇର୍‌ଉଇନଙ୍କୁ ଲବଣ ଆଇନ ଉଠାଇ ଦେବା ପାଇଁ ଅନୁରୋଧ କରିଥିଲେ । ଭାରତର ଜନସାଧାରଣ ସରକାରଙ୍କର ଲବଣ ଆଇନର ପୂରା ବିରୋଧ ।

ଗାନ୍ଧୀ ଗିରଫ ହେଲେ

ଦିନେ ସଞ୍ଜବେଳେ ଗାନ୍ଧୀ ପ୍ରାର୍ଥନା କଲେ । କେତେଖଣ୍ଡ ଚିଠିପତ୍ର ଲେଖିଲେ । ତା' ପରେ ରାତି ଭୋଜନ ସାରିଥିଲେ । ଅଧ ରାତିର ଘଟଣା । କୋଠରୀ ବାହାରେ ଗୋଟିଏ ଆମ୍ବଗଛ । ତାହାର ତଳେ ଖଣ୍ଡିଏ ଖଟିଆ । ଗାନ୍ଧୀଙ୍କ ଆଖିରେ ନିଦ ଆସିଯାଇଥିଲା । ହଠାତ୍ ଘୋଡ଼ା ଏବଂ ବୁଟ୍ ଶବ୍ଦ ଶୁଣାଗଲା । ସୁରଟର ଜିଲ୍ଲା ମାଜିଷ୍ଟ୍ରେଟ ଜଣେ ଇଂରେଜ ଲୋକ । ସେ ତାଙ୍କ ସାଙ୍ଗରେ ଦୁଇଜଣ ପୋଲିସ ଅଫିସରଙ୍କୁ ଧରି ସେଠାରେ ପହଞ୍ଚି ଯାଇଥିଲେ । ସେତେବେଳକୁ ରାତି ପ୍ରାୟ ଗୋଟାଏ । ଜିଲ୍ଲା ମାଜିଷ୍ଟ୍ରେଟ ଗାନ୍ଧୀଙ୍କ ମୁହଁ ଉପରକୁ ଟର୍ଚ୍ଚ ପକାଇଥିଲେ ।

କ'ଣ ହେଲା ବୋଲି ଭାବି ଗାନ୍ଧୀ ଉଠି ପଡ଼ିଥିଲେ । ସେ ଦେଖିଲେ ତାଙ୍କ ପାଖରେ ଜିଲ୍ଲା ମାଜିଷ୍ଟ୍ରେଟ ଠିଆ ହୋଇଛନ୍ତି ।

ଗାନ୍ଧୀ ପଚାରିଲେ, ଆପଣ କଅଣ ମୋତେ ଚାହାଁନ୍ତି ? ଜିଲ୍ଲା ମାଜିଷ୍ଟ୍ରେଟ ପଚାରିଥିଲେ, "ତୁମେ କଅଣ ମୋହନଦାସ କରମଚାନ୍ଦ ଗାନ୍ଧୀ ?"

'ହଁ' ଗାନ୍ଧୀ ଉତ୍ତର ଦେଲେ ।

Digitized by srujanika@gmail.com

ଜିଲ୍ଲା ମାଜିଷ୍ଟ୍ରେଟ ଗାନ୍ଧୀଙ୍କୁ ଜଣାଇ ଦେଲେ ସେ ତାଙ୍କୁ ଗିରଫ କରିବାକୁ ଆସିଥିଲେ । ଗାନ୍ଧୀ କହିଲେ, "ମୋତେ ସମୟ ଦିଅନ୍ତୁ । ମୁଁ ମୋର ନିତ୍ୟକର୍ମ ଶେଷ କରିବି ।"

Digitized by srujanika@gmail.com

ଗାନ୍ଧୀ ଦାନ୍ତ ଘଷୁ ଘଷୁ ପଗ୍ଭରିଲେ, "ଆପଣ କେଉଁ ଆଇନ୍ ବଳରେ ମୋତେ ଗିରଫ କରିବାକୁ ଆସିଛନ୍ତି ।"

ମାଜିଷ୍ଟ୍ରେଟ ଉତ୍ତର ଦେଲେ, "ସେମିତି କୌଣସି ଆଇନ ଯୋଗୁଁ ତୁମେ ଗିରଫ ହେଉନାହଁ । ସରକାରଙ୍କର ଲିଖିତ ଆଦେଶ ତୁମକୁ ଗିରଫ କରାଯିବ ।"

ଗାନ୍ଧୀ ଏହାପରେ ପଗ୍ଭରିଲେ, "ସେହି ଲିଖିତ ଆଦେଶନାମାଟି ଆପଣ ପଢ଼ି ଶୁଣାଇବେ କି ?"

ଜିଲ୍ଲା ମାଜିଷ୍ଟ୍ରେଟ ସରକାରଙ୍କ ଲିଖିତ ହୁକୁମନାମା ପଢ଼ି ଗାନ୍ଧୀଙ୍କୁ ଶୁଣାଇଦେଲେ । ହୁକୁମନାମାଟି ଏହିପରି ଥିଲା—"ଗାନ୍ଧୀଙ୍କର କାର୍ଯ୍ୟକଳାପ ସରକାରଙ୍କ ପ୍ରତି ଘୋର ବିପଜ୍ଜନକ ଏବଂ ସେଇଥିପାଇଁ ଗଭର୍ଣ୍ଣର-ଇନ-କାଉନ୍ସିଲଙ୍କ ଆଦେଶ ତାଙ୍କୁ ତୁରନ୍ତ ଗିରଫ କରାଯିବ ଏବଂ ତାଙ୍କୁ ୟେରବାଡ଼ା ଜେଲ୍‌ରେ ରଖାଯିବ ।"

ଗାନ୍ଧୀ ସଙ୍ଗେ ସଙ୍ଗେ ନିଜର ଅଳ୍ପ କିଛି ଜିନିଷପତ୍ର ସଜାଡ଼ି ବାହାରି ପଡ଼ିଲେ । ସେ ଗିରଫ ହେବା ପୂର୍ବରୁ ପ୍ରାର୍ଥନା କରିଥିଲେ । ପୋଲିସ ଅଫିସର ତାଙ୍କୁ ନେଇ ଗୋଟାଏ ମଟରକାର୍‌ରେ ବସାଇ ଦେଲେ । ଏହାପରେ ଗାନ୍ଧୀଙ୍କୁ ବମ୍ବେ ଟ୍ରେନରେ ନିଆଯାଇଥିଲା । ବୋରିଭିଲ୍ ଷ୍ଟେସନରେ ତାଙ୍କୁ ଟ୍ରେନରୁ ଓହ୍ଲାଇ ଦିଆଗଲା । ସେଠାରେ ଜଣେ ଆମେରିକାର ସାମ୍ବାଦିକ ଅପେକ୍ଷା କରିଥିଲେ । ସେ ଗାନ୍ଧୀଙ୍କୁ ପଗ୍ଭରିଲେ, "ଆପଣଙ୍କର କିଛି ବାର୍ତ୍ତା ଅଛି କି ?"

ଗାନ୍ଧୀ ସଙ୍ଗେ ସଙ୍ଗେ ତାଙ୍କୁ ଉତ୍ତର ଦେଇଥିଲେ, "ଆମେରିକାର ଲୋକଙ୍କୁ କହିବ, ଭାରତର ବର୍ତ୍ତମାନ ସମସ୍ୟା ଠିକ୍ ଭାବରେ ବୁଝିବା-ପାଇଁ ଚେଷ୍ଟା କରିବେ ।"

ସାମ୍ବାଦିକ ପୁଣି ପଗ୍ଭରିଥିଲେ, "କାହା ବିରୋଧରେ ଆପଣଙ୍କର କିଛି ଅଭିଯୋଗ ଅଛି କି ?"

Digitized by srujanika@gmail.com

"ମୋର କାହା ବିରୋଧରେ କିଛି ଅଭିଯୋଗ ନାହିଁ । ମୁଁ ଗିରଫ ହେବି ବୋଲି ବହୁ ପୂର୍ବରୁ ଆଶଙ୍କା କରିଥିଲି ।"

ସାମ୍ବାଦିକ ପୁଣି ପଚାରିଲେ, "ଆପଣ ଗିରଫ ହେବା ଯୋଗୁଁ ଦେଶରେ କିଛି ଗଣ୍ଡଗୋଳ ହେବକି ?"

ଗାନ୍ଧୀ ଉତ୍ତର ଦେଲେ, "ନା-ନା, ସେମିତି କିଛି ଗଣ୍ଡଗୋଳ ନ କରିବାପାଇଁ ମୁଁ ଲୋକମାନଙ୍କୁ ବାରମ୍ବାର କହିଛି ।"

ସେଠାରୁ ଗୋଟିଏ ମଟରକାର୍‌ରେ ପୋଲିସ ଗାନ୍ଧୀଙ୍କୁ ନେଇ-ଯାଇଥିଲେ । ଗାଡ଼ିରେ ପର୍ଦ୍ଦା ଟାଙ୍ଗି ଦିଆଯାଇଥିଲା, କାଳେ କିଏ ଗାନ୍ଧୀଙ୍କୁ ଦେଖି ପକାଇବ । ମୋଟରଗାଡ଼ି ୟେରଓ୍ୱାଡ଼ା ଜେଲ ନିକଟରେ ପହଞ୍ଚିଥିଲା । ଜେଲ୍ ସୁପରିନ୍‌ଟେଣ୍ଡେଣ୍ଟ ଗାନ୍ଧୀଙ୍କୁ ଯାଞ୍ଚ କରିଥିଲେ । ଗାନ୍ଧୀଙ୍କର ଉଚ୍ଚତା ୫ ଫୁଟ ୫ ଇଞ୍ଚ, ଡାହାଣ ଗୋଡ଼ରେ କଳାଦାଗ, ଡାହାଣ ଆଖିପତାରେ କଳାଦାଗ, ବାମପଟ କହୁଣୀ ତଳେ ଗୋଟାଏ ଚିହ୍ନ ।

ଗାନ୍ଧୀଙ୍କର କୋର୍ଟରେ ବିଚାର ହୋଇ ନଥିଲା । କୌଣସି ଅଦାଲତ ତାଙ୍କୁ ଦଣ୍ଡାଦେଶ ଦେଇ ନଥିଲା । ନିର୍ଦ୍ଦିଷ୍ଟ କେତେ ବର୍ଷ ପାଇଁ ତାଙ୍କୁ ଜେଲ୍ ଦଣ୍ଡ ଭୋଗିବାକୁ ପଡ଼ିବ ତାହାର କୌଣସି ସୂଚନା ମିଳି ନଥିଲା ।

ସରକାର ଯେତେଦିନ ପର୍ଯ୍ୟନ୍ତ ଇଚ୍ଛା କରିବେ ଗାନ୍ଧୀ ସେତେ-ଦିନ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ଭୋଗିବେ ।

ଗାନ୍ଧୀଙ୍କର ଗିରଫ ସମ୍ବାଦ ସାରା ଦେଶରେ ପ୍ରଚାର ହୋଇ-ଯାଇଥିଲା । ସଭା ସମିତିରେ ଜନତା କ୍ଷୋଭ ପ୍ରକାଶ କଲେ । ବଡ଼ ବଡ଼ ନାଗରିକମାନେ ହରତାଳ ପାଳନ କଲେ ।

Digitized by srujanika@gmail.com

ବମ୍ବେ, ଦିଲ୍ଲୀ, ଗୁଜୁରାଟ, ବଙ୍ଗଳା, ବିହାର, ମହାରାଷ୍ଟ୍ର, ମାନ୍ଦ୍ରାଜ ଓଡ଼ିଶାର ନେତାମାନେ ପ୍ରତିବାଦ ଜଣାଇଲେ । ସରକାରଙ୍କୁ ନିନ୍ଦା କଲେ ।

ଗାନ୍ଧୀଙ୍କର ସନ୍ଦେଶ

ଗାନ୍ଧୀ ଗିରଫ ହେବେ ବୋଲି ଆଗରୁ ଜାଣି ପାରିଥିଲେ । ସେ ଦେଶବାସୀଙ୍କ ପାଇଁ ଗୋଟିଏ ସନ୍ଦେଶ ଲେଖି ରଖିଲେ । ଏବେ ସେ ଗିରଫହେବା ପରେ ତାଙ୍କର ସନ୍ଦେଶ ଲୋକଙ୍କୁ ଜଣାଇ ଦିଆଗଲା । ଗାନ୍ଧୀଙ୍କର ସନ୍ଦେଶ ହେଉଛି—

"ଆମ୍ଭେମାନେ ଶାନ୍ତିପୂର୍ଣ୍ଣ ଭାବରେ ସତ୍ୟାଗ୍ରହ ଆରମ୍ଭ କଲେ । ଯେବେ ଶେଷଯାଏ ଅହିଂସା ମାଧ୍ୟମରେ ସତ୍ୟାଗ୍ରହ ଚାଲୁରଖିବା ତେବେ ଆମେ ପୂର୍ଣ୍ଣ ସ୍ୱରାଜ୍ୟ ନିଶ୍ଚୟ ହାସଲ କରିବା । ଆମ୍ଭେ ସେତେବେଳେ ଦୁନିଆକୁ ଦେଖାଇପାରିବା, ଭାରତର ଅହିଂସା ନୀତି କେତେ ମହତ୍ତ୍ୱପୂର୍ଣ୍ଣ ।

ବିନା ତ୍ୟାଗରେ ସ୍ୱରାଜ୍ୟ ମିଳିବା ସମ୍ଭବ ନୁହେଁ । ମୁଁ ଗିରଫ ହେଲି ବୋଲି ଲୋକମାନେ ଭାଙ୍ଗି ପଡ଼ିବା ଉଚିତ ନୁହେଁ । ଏହି ସତ୍ୟାଗ୍ରହର ମୁଁ ନେତା ନୁହେଁ, ଏହି ସତ୍ୟାଗ୍ରହର କର୍ତ୍ତା ହେଉଛନ୍ତି ସ୍ୱୟଂ ଈଶ୍ୱର ।

ଗାଁ ଲୋକେ ଲୁଣ ମାରିବା ଉଚିତ । ଆମର ଭାଇଭଉଣୀମାନେ ମଦ ଅଫିମ ଦୋକାନ ପାଖରେ ଧାରଣା ଦେବେ । ବିଦେଶୀ ଲୁଗା ସମସ୍ତେ ବର୍ଜ୍ଜନ କରିବେ । ଘରେ ଘରେ ଯୁବକ ଓ ବୃଦ୍ଧ ଅରଟରେ ସୂତା କାଟିବେ । ଲୁଗା ବୁଣିବେ । ବିଦେଶୀ ଲୁଗା ପୋଡ଼ିବାକୁ ପଡ଼ିବ ।

ହିନ୍ଦୁମାନେ ଭେଦଭାବ ଛାଡ଼ିବା ଉଚିତ । ହିନ୍ଦୁ, ମୁସଲମାନ, ଶିଖ, ଖ୍ରୀଷ୍ଟିଆନ ଏବଂ ପାର୍ଶୀମାନଙ୍କ ମଧ୍ୟରେ ଏକତା ଦରକାର । ସରକାରୀ ସ୍କୁଲ କଲେଜର ଛାତ୍ର ଛାତ୍ରୀମାନେ ସ୍କୁଲ କଲେଜ ବର୍ଜନ

Digitized by srujanika@gmail.com

କରିବେ । ସରକାରୀ କର୍ମଚାରୀମାନେ ସରକାରୀ ଚାକିରିରୁ ଇସ୍ତଫା ଦେବେ । ସମସ୍ତେ ଦେଶ ପାଇଁ କାମ କରିବାକୁ ପ୍ରସ୍ତୁତ ହେବେ । ଆମର ଆନ୍ଦୋଳନ ଫଳରେ ଆମକୁ ନିଶ୍ଚୟ ସ୍ୱରାଜ୍ୟ ମିଳିବ ।

ଗାନ୍ଧୀଙ୍କ ଗିରଫ ପରେ ସତ୍ୟାଗ୍ରହ ଜୋରଦାର ବ୍ୟାପକ ହେଲା

ଇଂରେଜ ସରକାର ଗାନ୍ଧୀଙ୍କୁ ଗିରଫ କରିନେଲେ । ସରକାର ଭାବିଥିଲେ ଗାନ୍ଧୀ ଜେଲ୍ ଗଲେ ଲବଣ ସତ୍ୟାଗ୍ରହ ବନ୍ଦ ହୋଇଯିବ । ମାତ୍ର ସରକାରଙ୍କର ଏହି ଧାରଣା ଭୁଲ୍ । କାରଣ ସତ୍ୟାଗ୍ରହୀମାନେ ବଡ଼ ଉତ୍ସାହରେ ଲବଣ ସତ୍ୟାଗ୍ରହ ଚଳାଇଲେ ।

ଗୁଜୁରାଟର ସମୁଦ୍ର ଉପକୂଳରେ 'ଧରସନା' ନାମକ ସ୍ଥାନରେ ଲୁଣ ମାରିବା ପାଇଁ ଆଗରୁ ଠିକ୍ ହୋଇଥିଲା । ଗାନ୍ଧୀ ଦାଣ୍ଡିରୁ ଧରସନା ଯାଇଥାନ୍ତେ । ବମ୍ବେ ସହରର ଉତ୍ତରକୁ 'ଧରସନା' ଲବଣ ଡିପୋ । ଏହାର ଦୂରତା ହେଉଛି ପ୍ରାୟ ୨୫୦ କିଲୋମିଟର ।

ଆବାସ ତ୍ୟାବ୍‌ଜି ସତ୍ୟାଗ୍ରହ ଦଳର ନେତୃତ୍ୱ ନେଲେ । କରାଡି ଠାରୁ ସତ୍ୟାଗ୍ରହୀମାନେ ବାହାରିଥିଲେ । ତାହା ପୂର୍ବରୁ ପ୍ରାର୍ଥନା କରାଯାଇଥିଲା । ୧୯୩୦ ମସିହା ମେ ମାସ ବାର ତାରିଖ । ଖରାଦିନ । ମୁଣ୍ଡଫଟା ଖରା । କଚ୍ଛୁବାଟ ଯିବା ପରେ ସତ୍ୟାଗ୍ରହୀମାନଙ୍କୁ ଜିଲ୍ଲା ମାଜିଷ୍ଟ୍ରେଟ ଏବଂ ଜିଲ୍ଲା ପୋଲିସ ସୁପରିନ୍‌ଟେଣ୍ଡେଣ୍ଟ ଘେରାଉ କଲେ । ପ୍ରାୟ ଚାରିଶହ ପୋଲିସ । ଆବାସ୍ ଗିରଫ ହେଲେ । କେତେକ ସତ୍ୟାଗ୍ରହୀ ମଧ୍ୟ ଗିରଫ ହେଲେ । ଏବେ ସତ୍ୟାଗ୍ରହୀମାନଙ୍କର ଦାୟିତ୍ୱ କିଏ ନେବ ? ସରୋଜିନୀ ନାଇଡ଼ୁ ଏଲାହାବାଦଠାରେ କଂଗ୍ରେସ କାର୍ଯ୍ୟକାରୀ କମିଟି ମିଟିଂରେ ବ୍ୟସ୍ତ ଥିଲେ । ସେ ଶୁଣିପାରିଥିଲେ ସତ୍ୟାଗ୍ରହୀମାନଙ୍କୁ ପୋଲିସ୍ ବାଧାଦେବାର । ତେଣୁ ସରୋଜିନୀ ନାଇଡ଼ୁ ନିଜେ ସତ୍ୟାଗ୍ରହର ଦାୟିତ୍ୱ ନେଲେ । ସେ ସମସ୍ତଙ୍କ ଆଗରେ ରହି ସତ୍ୟାଗ୍ରହ ପରିଚାଳନା କଲେ । ସେ କହିଥିଲେ, "ଜୟ କିମ୍ବା ମରଣ ।" ସରୋଜିନୀ ନାଇଡ଼ୁ ଘୋଷଣା କଲେ, "ମୁଁ ଜଣେ ନାରୀ ହୋଇପାରେ । ମାତ୍ର ଦେଶର ସ୍ୱାଧୀନତା

Digitized by srujanika@gmail.com

ପାଇଁ ମୋତେ ପୁରୁଷଙ୍କ ଭଳିଆ ଖଟିବାକୁ ପଡ଼ିବ । ଆଜି ମୋ ଉପରେ ଦାୟିତ୍ୱ ପଡ଼ିଛି, ଏହି ଦାୟିତ୍ୱ ତୁଲାଇବା ପାଇଁ ମୁଁ ପ୍ରସ୍ତୁତ । ଜେଲ ଜୋରିମାନା, ପୋଲିସ ଲାଠି ପାଇଁ ମୋର ଭୟ ନାହିଁ ।”

Digitized by srujanika@gmail.com

ମେ ୧୫ ତାରିଖ ସକାଳ । ସରୋଜିନୀ ନାଇଡ଼ୁ ଏବଂ ପଚିଶ ଜଣ ସ୍ୱେଚ୍ଛାସେବକ ଲୁଣ ଗୋଦାମ ଆଡ଼କୁ ଆଗେଇ ଚାଲିଥାନ୍ତି । ହଠାତ୍ ପୋଲିସ୍ ବାହିନୀ ଧରି ପୋଲିସ ସୁପରିନ୍‌ଟେଣ୍ଡେଣ୍ଟ ପହଞ୍ଚିଗଲେ । ପୋଲିସ ସାହେବ ସରୋଜିନୀଙ୍କୁ ଚାଲିଞ୍ଜ୍ କରି କହିଲେ, ଆପଣ ଆଉ ଆଗକୁ ଯାଇପାରିବେ ନାହିଁ । ସରୋଜିନୀ ନାଇଡ଼ୁ ପୋଲିସ ସାହେବଙ୍କୁ ଉତ୍ତର ଦେଲେ, "ତାହାହେଲେ ମୁଁ ଏଇଠାରେ ରହିବି, ମୁଁ ଆଉ ପଛକୁ ଫେରିବି ନାହିଁ ।"

ପୋଲିସ ସାହେବ ଜିଦ୍ କଲେ, "ଆମ୍ଭେ ମଧ୍ୟ ଏହିଠାରେ ରହିବୁ ଏବଂ ଆମ୍ଭେମାନେ ମଧ୍ୟ ସତ୍ୟାଗ୍ରହ କରିବୁ ।"

ପୋଲିସ ପଲଟଣ ଏବଂ ସତ୍ୟାଗ୍ରହୀ ଦଳ ପରସ୍ପରକୁ ମୁହାଁ କରି ସେହିଠାରେ ବସି ରହିଥିଲେ । ପାଖରେ ଥିବା ଜଣେ ଭଦ୍ରଲୋକ ଖଣ୍ଡିଏ ଚଉକି ଦେଲେ । ସରୋଜିନୀ ସେଠାରେ ଚଉକିରେ ବସିରହି ଚିଠିପତ୍ର ଲେଖିଲେ । ତା'ପରେ ସେ ସୂତାକଟା ଆରମ୍ଭ କଲେ। ଉହୁଉହୁଆ ପ୍ରଚଣ୍ଡ ଖରା । ଖରା ତେଜରେ ସମସ୍ତଙ୍କ ମୁହଁ ଝାଉଁଳି ପଡ଼ୁଥିଲା । ତଥାପି ସ୍ୱେଚ୍ଛାସେବକମାନେ ଖରାରେ ସେମିତି ବସି ରହିଲେ । ଏମିତି ପ୍ରାୟ ଗୋଟାଏ ଦିନ ବିତିଯାଇଥିଲା । ଶେଷରେ ପୋଲିସ ସାହେବ ସରୋଜିନୀଙ୍କୁ ଗିରଫ କରିବାକୁ ଧମକ ଦେଲେ । ପୋଲିସ କେତେକ ସତ୍ୟାଗ୍ରହୀଙ୍କୁ ବାନ୍ଧି ନେଇଥିଲେ । ସରୋଜିନୀ ନାଇଡ଼ୁ ଆଶ୍ରମକୁ ଖବର ପଠାଇଲେ । ପୁଣି ଆଉ ଦଳେ ସ୍ୱେଚ୍ଛାସେବକ ପହଞ୍ଚିଗଲେ ।

ପୋଲିସ ପୁଣି ସେମାନଙ୍କୁ ଗିରଫ କରିନେଲା । ଏମିତି କେତେ ସମୟ ପାଇଁ ପୋଲିସ ଆଉ ସତ୍ୟାଗ୍ରହୀମାନଙ୍କ ମଧ୍ୟରେ ଛକାପଞ୍ଝା ଚାଲିଲା ।

ମେ' ମାସ ୨୦ ତାରିଖ ଦିନ । ସତ୍ୟାଗ୍ରହୀମାନଙ୍କୁ କୁହାଗଲା, ଯେମିତି ହେଲେ 'ଧରସନା' ଲୁଣ ଗୋଦାମ ଉପରେ ଚଡ଼ାଉ କରିବାକୁ ପଡ଼ିବ ।

Digitized by srujanika@gmail.com

ସରୋଜିନୀ ସ୍ୱେଚ୍ଛାସେବକମାନଙ୍କୁ ଉପଦେଶ ଦେଲେ, "ଦେଖ, ଭାଇମାନେ, ଆମ ଦେଶର ମର୍ଯ୍ୟାଦା ଆମ ଉପରେ ନିର୍ଭର କରେ । କୌଣସି ପରିସ୍ଥିତିରେ ଆମେ ହିଂସାକାଣ୍ଡ କରିବା ନାହିଁ । ପୋଲିସ ତୁମମାନଙ୍କୁ ପ୍ରହାର କରିବ, ତଥାପି ତୁମେମାନେ ଆଙ୍ଗୁଠି ସୁଦ୍ଧା



Digitized by srujanika@gmail.com

ଦେଖାଇବ ନାହିଁ । ଗାନ୍ଧୀଙ୍କ ଦେହଟା ଜେଲ୍ ଭିତରେ ଥାଇପାରେ, ମାତ୍ର ତାଙ୍କର ଆତ୍ମା ଆମ୍ଭମାନଙ୍କ ପାଖେ ପାଖେ ଅଛି ।"

ଚାରବାଡ଼ ଘେରା ଗୋଦାମ ଭିତରେ ପାହାଡ଼ ଭଳି ଲୁଣ ଜମା ହୋଇଥାଏ । ସତ୍ୟାଗ୍ରହୀମାନେ 'ଭାରତମାତା କି ଜୟ' 'ମହାତ୍ମା ଗାନ୍ଧୀଙ୍କ ଜୟ' ଧ୍ୱନି ଦେଇ ଗୋଦାମ ଭିତରକୁ ପଶିଯାଇଥିଲେ । ସେଠାରେ ଲାଠି ବନ୍ଧୁକଧାରୀ ଗୋରା ପୋଲିସ ବାହିନୀ ସେମାନଙ୍କୁ ପିଟି ପିଟି ତଡ଼ି ନେଉଥିଲେ । ଗାନ୍ଧୀଙ୍କର ଦ୍ୱିତୀୟ ପୁଅ ମଣିଲାଲ ସତ୍ୟାଗ୍ରହୀମାନଙ୍କ ସହିତ ଥିଲେ । ସ୍ୱେଚ୍ଛାସେବକମାନେ ଥରକୁ ଥର ଗୋଦାମ ଭିତରେ ପଶୁଥିଲେ ଏବଂ ପୋଲିସର ଲାଠି ମାଡ଼ରେ ରକ୍ତାକ୍ତ ହେଉଥିଲେ ।

ଲାଠି ପ୍ରହାର ଖାଇବା ସତ୍ତ୍ୱେ ଜଣେହେଲେ ସତ୍ୟାଗ୍ରହୀ ପ୍ରତିରୋଧ କରୁନଥିଲେ ବରଂ ମୁଣ୍ଡଫାଟି ରକ୍ତାକ୍ତ ଅବସ୍ଥାରେ ସତ୍ୟାଗ୍ରହୀମାନେ ତଳେ ପଡ଼ିଯାଉଥିଲେ । ଯେଉଁମାନେ ଆହତ ହେଉଥିଲେ, ସେମାନଙ୍କର ପ୍ରାଥମିକ ଚିକିତ୍ସା ପାଇଁ ବେଶି ସଂଖ୍ୟାରେ ଡାକ୍ତର ମଧ୍ୟ ନଥିଲେ ।

କ୍ରମେ କ୍ରମେ ଅବସ୍ଥା ସାଙ୍ଘାତିକ ହେଲା । ସ୍ୱେଚ୍ଛାସେବକମାନଙ୍କ ଉପରେ ପୋଲିସ ଯେତିକି ଅତ୍ୟାଚାର କଲା, ସ୍ୱେଚ୍ଛାସେବକମାନେ ସେମାନଙ୍କ ପ୍ରତିଜ୍ଞାରେ ସେତିକି ଅଟଳ ରହିଲେ । ସ୍ୱେଚ୍ଛାସେବକମାନେ ଛକକରି ବସି ରହୁଥିଲେ । ଟିକିଏ ସୁବିଧା ପାଇଲେ ଗୋଦାମ ଭିତରକୁ ପଶି ଲୁଣ ମାରୁଥିଲେ । ପ୍ରାୟ ଚଉଦଦିନ ପର୍ଯ୍ୟନ୍ତ ପୋଲିସ ଏବଂ ସ୍ୱେଚ୍ଛା-ସେବକମାନଙ୍କର ଏମିତି ଲୁଚକାଳି ଖେଳ ଚାଲିଥିଲା ।

ଶେଷରେ ଜଣେ ଇଂରେଜ ଅଫିସର ସରୋଜିନୀ ନାଇଡୁଙ୍କ ହାତ ଧରି ପକାଇଲେ । ସେ କହିଲେ, "ତୁମକୁ ଗିରଫ କରାଗଲା ।" ସରୋଜିନୀ ନାଇଡୁ ଅଫିସରଙ୍କୁ ସତର୍କ କରିଦେଲେ, "ଆପଣ ମୋ ହାତ ଛୁଇଁ ପାରିବେ ନାହିଁ; ଗିରଫ ହେବା ପାଇଁ ମୁଁ ପ୍ରସ୍ତୁତ ।"

ଦଳକୁ ଦଳ ସ୍ୱେଚ୍ଛାସେବକ ଆସି ପହଞ୍ଚୁଥିଲେ । ଲୁଣ ମାରିବା ପାଇଁ ଗୋଦାମ ନିକଟରେ ରୁଣ୍ଡ ହେଉଥିଲେ । ପୋଲିସ ଲାଠି ପ୍ରହାର କରୁଥିଲା । ବେଳେ ବେଳେ ବନ୍ଧୁକ ଫୁଟାଉଥିଲା । ଲାଠିମାଡ଼ରେ ନିହତ

Digitized by srujanika@gmail.com

ସ୍ୱେଚ୍ଛାସେବକମାନେ ଭୀଷଣ ଭାବରେ ଆହତ ହେଉଥିଲେ । ଲାଠିମାଡ଼, ଗୁଳିବୃଷ୍ଟି ସତ୍ତ୍ୱେ ସ୍ୱେଚ୍ଛାସେବକମାନେ କଦାପି ଭାଙ୍ଗି ପଡୁନଥିଲେ ।

Digitized by srujanika@gmail.com

ପୋଲିସ ସତ୍ୟାଗ୍ରହୀମାନଙ୍କୁ ଗୋଟାଏ ଅସ୍ଥାୟୀ ତାରବାଡ଼ ଭିତରେ ଅଟକାଇ ରଖୁଥିଲେ । କାରଣ ଜେଲ୍‌ରେ ଏତେ ବନ୍ଦୀମାନଙ୍କ ପାଇଁ ସ୍ଥାନ ନଥିଲା । ପୋଲିସର ଜୁଲୁମ୍, ଅତ୍ୟାଚାର ଏବଂ ହିଂସାକାଣ୍ଡ ଦିନକୁଦିନ ବଢ଼ିଯାଇଥିଲା । 'ୟଙ୍ଗ୍ ଇଣ୍ଡିଆ' ନାମକ ପତ୍ରିକାରେ 'ଧରସନା' ଠାରେ ଲବଣ ସତ୍ୟାଗ୍ରହର ଠିକଣଠି ବିବରଣୀ ପ୍ରକାଶ ପାଇଥିଲା । ସତ୍ୟାଗ୍ରହୀ-ମାନେ ଲାଠିମାଡ଼ ଖାଇଲେ ମଧ୍ୟ ସତ୍ୟାଗ୍ରହ ବନ୍ଦ କରୁନଥିଲେ । ସରକାରଙ୍କ ହାତରେ ପୋଲିସ, ଗୁଳି, ବନ୍ଧୁକ, ଲାଠି, ସୈନ୍ୟବଳ ଥିଲା । ସତ୍ୟାଗ୍ରହୀମାନେ ଏକଦମ୍ ନିରସ୍ତ୍ର ଥିଲେ । ନେତାମାନେ ଭାବିଥିଲେ ସତ୍ୟାଗ୍ରହୀମାନେ ଯେତିକି ଅତ୍ୟାଚାର ସହିବେ, ସରକାରଙ୍କର ଦିନେ-ନା-ଦିନେ ନିଦ ଭାଙ୍ଗିବ ।

ଏହାପରେ ବର୍ଦ୍ଦୋଲିଠାରେ ଚାଷୀମାନେ ଜମି ଟିକସ ଇଂରେଜ ସରକାରଙ୍କୁ ଦେବେ ନାହିଁ ବୋଲି ଆନ୍ଦୋଳନ କଲେ । ଶେଷରେ ଜଣାପଡ଼ିଲା ଯେ ଏକ ଲକ୍ଷ ସତ୍ୟାଗ୍ରହୀ ଜେଲ୍‌ରେ ଭର୍ତ୍ତି ହୋଇଥିଲେ । ସେମାନଙ୍କ ମଧ୍ୟରେ ସତର ହଜାର ଥିଲେ ମହିଳା । ସ୍କୁଲ କଲେଜର ଛାତ୍ରଛାତ୍ରୀମାନେ ଗଣ୍ଡଗୋଳ ଆରମ୍ଭ କରି ଦେଇଥିଲେ । ସେହି ସମୟରେ ଜନଗଣନା କାର୍ଯ୍ୟ ହେବାର ଥିଲା । ଜବାହରଲାଲ ନେହେରୁ 'ଜନଗଣନା' କାର୍ଯ୍ୟକୁ ବାସନ୍ଦ କରିବାକୁ ପରାମର୍ଶ ଦେଲେ ।

ସାରା ଦେଶରେ ଇଂରେଜ ଶାସନର ମୂଳଦୁଆ ଦୋହଲିଗଲା । ଭାଇସ୍‌ରୟ ଗାନ୍ଧୀଙ୍କର ମୁଠାଏ ଲୁଣ ଆନ୍ଦୋଳନକୁ ଦିନେ ଉପହାସ କରିଥିଲେ । ବର୍ତ୍ତମାନ ସେ ଦେଖିଲେ 'ମୁଠାଏ ଲୁଣ' କରାମତି କିଛି କମ୍ ନୁହେଁ । ମୁଠାଏ ଲୁଣ ପୋଲିସର ଲାଠି, ଗୁଳିଗୋଳା, ବନ୍ଧୁକଠାରୁ ଅଧିକ ଶକ୍ତିଶାଳୀ । ଏପରିକି ମୁଠାଏ ଲୁଣ ଡିନାମାଇଟ୍ ଅପେକ୍ଷା ଅଧିକ ଭୟଙ୍କର ବୋଲି ଲୋକେ ଧାରଣା କଲେ ।

ଓଡ଼ିଶାରେ ଲବଣ ସତ୍ୟାଗ୍ରହ ଓ ପୋଲିସର ଅତ୍ୟାଚାର

ଗୁଜୁରାଟରେ ଗାନ୍ଧୀଙ୍କର 'ଦାଣ୍ଡିଯାତ୍ରା' ସାରା ଦେଶରେ ଚହଳ ପକାଇଦେଲା । ବିଶେଷତଃ ସମୁଦ୍ର ଉପକୂଳିଆ ରାଜ୍ୟମାନଙ୍କରେ ଏହି ସତ୍ୟାଗ୍ରହ ଖୁବ୍ ଜୋର୍‌ରେ ଦେଖାଦେଇଥିଲା ।

Digitized by srujanika@gmail.com

ବହୁ ପୂର୍ବକାଳରୁ ଓଡ଼ିଶାର ଲୋକେ ଲୁଣ ମାରି ଆସୁଥିଲେ । ଇଂରେଜ ଶାସନ ବେଳକୁ ଓଡ଼ିଶାରେ ଲୁଣରୁ ଆୟ ୪୫ ଲକ୍ଷ ଟଙ୍କା ରାଜସ୍ୱ ମିଳୁଥିଲା । ୧୮୧୪ ମସିହାରେ ଇଷ୍ଟଇଣ୍ଡିଆ କମ୍ପାନୀ ଗୋଟାଏ ଆଇନ ଜାରି କଲେ—ଲୋକେ ଲୁଣ ମାରିପାରିବେ ନାହିଁ । ଫଳରେ ଲୋକଙ୍କୁ ଲୁଣ ମାରିବା ପାଇଁ ଅନୁମତି ମିଳିଲା ନାହିଁ । ୧୮୧୭ ମସିହାରେ ଓଡ଼ିଶାର ପାଇକମାନେ ଇଂରେଜମାନଙ୍କ ବିରୋଧରେ ବିଦ୍ରୋହ କରିଥିଲେ । ତା ହାର କାରଣ ଲୋକମାନଙ୍କର ଅସନ୍ତୋଷ । ଓଡ଼ିଶାରେ ବିଲାତ ଦେଶର ଲୁଣ ଆସି ବିକ୍ରୀ ହେଲା । ୧୮୮୨-୮୩ ମସିହାରେ ବାଲେଶ୍ୱରରେ ଲୁଣ ୯,୦୦୦ (ନଅହଜାର) ମହଣ ବିକ୍ରୀ ହୋଇଥିଲା । ୧୮୮୪-୮୫ ମସିହାରେ ୩୬,୫୦୦ (ଛତିଶହଜାର ପାଞ୍ଚଶହ) ମହଣ ଲୁଣ ବିକ୍ରୀ ହୋଇଥିଲା ବୋଲି ଜଣାଯାଏ ।

୧୯୦୦ ମସିହାରୁ ଓଡ଼ିଶାର ଲୁଣମରା ପୁରାପୁରି ବନ୍ଦ ହୋଇଗଲା । ଆମ ଦେଶୀ ଲୁଣର ନାମ ଥିଲା ପଙ୍ଗାଲୁଣ !

ଲୁଣମରା ବନ୍ଦ ହେବାରୁ ହଜାର ହଜାର ଲୋକ ବେକାର ହେଲେ । ଓଡ଼ିଶାବାସୀଙ୍କ ପ୍ରତି ଇଂରେଜ ସରକାର ଏମିତି ଅନ୍ୟାୟ କଲେ । ଏହିସବୁ ଘଟଣା ଦେଖି ଜଣେ ଇଂରେଜ କଲେକ୍ଟର ସାହେବ ସରକାରଙ୍କ ଖାତିର ନିନ୍ଦା କରିଥିଲେ । ଓଡ଼ିଶାର ଲୁଣମରା ବନ୍ଦ ହେବାରୁ ଲୋକଙ୍କର ଅନ୍ୟ ବ୍ୟବସାୟରେ କ୍ଷତି ହେଲା ।

୧୯୩୦ ମସିହାରେ ମହାତ୍ମାଗାନ୍ଧୀ ଲବଣ ଆଇନ ଅମାନ୍ୟ କରିବା ପାଇଁ ଦେଶବାସୀଙ୍କୁ ଡାକରା ଦେଲେ । ଗାନ୍ଧୀଙ୍କର ଏହି ଡାକରେ ଓଡ଼ିଶା-ବାସୀ ମାତି ଉଠିଲେ । ଓଡ଼ିଶାର ଗାଁ ଗହଳରେ ଉତ୍ସାହ ଖେଳିଗଲା । କଟକ, ବାଲେଶ୍ୱର, ଗଞ୍ଜାମ ଜିଲ୍ଲାର ଲୋକେ ସତ୍ୟାଗ୍ରହରେ ଝାସ ଦେଲେ । ତେଣେ ଗୁଜୁରାଟର ସମୁଦ୍ରକୂଳରେ ଦାଣ୍ଡି ନିକଟରେ ଚାଲିଲା ଏଣେ ଓଡ଼ିଶାର ସମୁଦ୍ର କୂଳରେ ଚାଲିଲା । ବାଲେଶ୍ୱର ଜିଲ୍ଲାର ସୁବର୍ଣ୍ଣରେଖା ନଦୀ ମୁହାଣଠାରୁ ବୈତରଣୀ ମୁହାଣ ପର୍ଯ୍ୟନ୍ତ ଏହି ଆଇନ ଅମାନ୍ୟ ସତ୍ୟାଗ୍ରହ ଚାଲିଥିଲା ।

Digitized by srujanika@gmail.com

ଅପୂର୍ବ ଉତ୍ସାହରେ ଏବଂ ଆନନ୍ଦରେ ହଜାର ହଜାର ସଂଖ୍ୟାରେ ଗ୍ରାମବାସୀ ସତ୍ୟାଗ୍ରହରେ ଯୋଗ ଦେଲେ । ଦଳକୁ ଦଳ ସତ୍ୟାଗ୍ରହୀ ଚାଲିଥାନ୍ତି । ଇଂରେଜ ସରକାରଙ୍କ ପୋଲିସ ପଲଟଣ ମଧ୍ୟ ଗାଁ ଗଣ୍ଡା-ମାନଙ୍କରେ ଛୁଇ ହୋଇଗଲେ ।

ବାଲେଶ୍ୱର ଜିଲ୍ଲାର ଲବଣ ଆଇନ୍ ଅମାନ୍ୟ ସତ୍ୟାଗ୍ରହରେ 'ଇଞ୍ଚୁଡ଼ି' ଗ୍ରାମ ଇତିହାସ ସୃଷ୍ଟି କଲା । ବାଲେଶ୍ୱର ଜିଲ୍ଲାର ଦକ୍ଷିଣକୁ

Digitized by srujanika@gmail.com

୧୪ ମାଇଲ ଦୂରରେ ଇଞ୍ଚୁଡ଼ିଗ୍ରାମ । ଇଞ୍ଚୁଡ଼ି ସତ୍ୟାଗ୍ରହର ନେତା ହେଲେ ସର୍ଦ୍ଦାର ସୁରେନ୍ଦ୍ର ଦାସ । ଏପ୍ରିଲ ୧୩ ତାରିଖରେ ଲୋକେ ଲୁଣ ମାରିବେ ବୋଲି ଘୋଷଣା ଦିଆଗଲା । ଠିକ୍ ତା' ପୂର୍ବରୁ ପୋଲିସ୍ ସର୍ଦ୍ଦାର ସୁରେନ୍ଦ୍ର ଦାସଙ୍କୁ ଗିରଫ କରିନେଲେ । କିନ୍ତୁ ଆଇନ୍ ଅମାନ୍ୟ କରିବାକୁ ସତ୍ୟାଗ୍ରହୀମାନେ ଆଗେଇ ଆସିଥିଲେ । ପ୍ରଥମ ସଭାଟି ହେଲା ଶାସଙ୍ଗ ଗ୍ରାମରେ । ଦ୍ୱିତୀୟ ସଭାଟି ହେଲା ଗେଙ୍ଗୁଟି ଚଉଆରେ । ଆଉ ଗୋଟିଏ ସଭା ହୋଇଥିଲା ବର୍ଦ୍ଧନପୁରର ମଣିନାଗେଶ୍ୱର ମନ୍ଦିର ବେଢ଼ାରେ । ସରକାରଙ୍କ ପୋଲିସ ବାନ୍ଧବନ୍ଧା କରି ରଖିଥିଲେ । ଗୋପବନ୍ଧୁ ଚୌଧୁରୀ, ପଣ୍ଡିତ କୃପାସିନ୍ଧୁ ହୋତା, ହରେକୃଷ୍ଣ ମହତାବ, ରାଜକୃଷ୍ଣ ବୋଷ ପ୍ରଭୃତି ନେତାମାନେ ଗାଁ ଗାଁ ବୁଲି ଲୋକମାନଙ୍କୁ ସତ୍ୟାଗ୍ରହ ବାର୍ତ୍ତା ବୁଝାଇଥିଲେ । ସେମାନଙ୍କର ଭାଷଣ ଶୁଣି ଗ୍ରାମମାନଙ୍କରୁ ଯୁବକମାନେ ସତ୍ୟାଗ୍ରହୀ ତାଲିକାରେ ନାମ ଲେଖାଇଥିଲେ ।

ଇଞ୍ଚୁଡ଼ିର ଷଷ୍ଠିମାଠାକୁରାଣୀ ମନ୍ଦିର ପାଖରେ ପଣାସଂକ୍ରାନ୍ତି ଦିନ ଏକ ସାଧାରଣ ସଭା ହେବ ବୋଲି ଠିକ୍ ହେଲା, ମାତ୍ର ପୋଲିସ ହାକିମ ସଭାପାଇଁ ଅନୁମତି ଦେଇ ନଥିଲେ । ଲୋକେ ଜିଦ୍ କଲେ ମନ୍ଦିର ପାଖରେ ନିଶ୍ଚୟ ସଭା ହେବ ।

ସଭା ସ୍ଥାନରେ ଠାକୁରାଣୀଙ୍କ କାଳସୀ ନାଚିଲେ

ଗହଁ ଗହଁ ଠାକୁରାଣୀଙ୍କ ମନ୍ଦିର ପାଖରେ ଲୋକ ଜମିଲେ । ପୋଲିସ ମଧ୍ୟ ଆସି ପହଞ୍ଚିଯାଇଥିଲେ । ଲୋକଙ୍କୁ ସଭା କରାଇ ନ ଦେବା ପାଇଁ ପୋଲିସର ଧମକ—ମାତ୍ର ହଠାତ୍ କଣ ହେଲା ! ଆଖିପିଛୁଳାକେ ଷଷ୍ଠିମାଠାକୁରାଣୀ କାଳସୀ (ଦାସୀ) ବେତ ହଲାଇ ହଲାଇ ନାଚି ଉଠିଲା । ଘଣ୍ଟା ବାଦ୍ୟଧ୍ୱନିରେ ଗଗନପବନ ମୁଖରିତ ହେଲା । ତା ସହିତ ଲୋକଙ୍କ ହରିବୋଲ ଧ୍ୱନି । ଭକ୍ତମାନେ କାଳସୀଙ୍କ ପାଦତଳେ ଲମ୍ବ ଲମ୍ବ ହୋଇ ପଡ଼ିଗଲେ । କାଳସୀ ଗର୍ଜନ କରି କଳକଳା ଶବ୍ଦ କରି କହି ଉଠିଲା, "କିରେ, ଏ ପାପିଷ୍ଠ, ତୁମ୍ଭେମାନେ କିଏ ? ମୋ ମନ୍ଦିରକୁ ଅପବିତ୍ର କଲ, ତୁମ୍ଭେ ସବୁ କିଏ । ଆସ, ଆସ ତୁମମାନଙ୍କ ବେକ

Digitized by srujanika@gmail.com

ମୋଡ଼ ଖାଇବ, ତୁମମାନଙ୍କ ରକ୍ତ ଶୋଷି ନେବ ।" କାଳସୀର ବିକଟାଳ ରୂପ ଦେଖି କେତେଜଣ ପୋଲିସ ପ୍ରାଣ ଭୟରେ ଥରିଲେ । କାଳସୀର କୁହାଟ ଶୁଣି କେତେଜଣ ପୋଲିସ ଅଚେତ ହୋଇଗଲେ । କାଳସୀ ପୁଣି କେତେଜଣ ପୋଲିସଙ୍କ ପିଠିରେ ବେତରେ ପ୍ରହାର କରିଥିଲା । ଏମିତି ଅବସ୍ଥାରେ ପୁଲିସ ନା ଫୁଲିସ, ଆଖିପିଛୁଳାକେ ପୁଲିସ ଫଉଜ ସେଠୁ ସ୍ଥାନ ଛାଡ଼ି ପଳାଇଲେ । ଅସଲ କଥାଟା ପରେ ଜଣାପଡ଼ିଲା । ସେଦିନ ସଂକ୍ରାନ୍ତି । ପୋଲିସ ଆଖିରେ ଧୂଳି ଦେବାପାଇଁ ଲୋକେ ଏମିତି ଗୋଟାଏ କୌଶଳ କରିଥିଲେ । ଠାକୁରାଣୀଙ୍କ ପୂଜା ପାଇଁ କାଳସୀ ବ୍ୟବସ୍ଥା ହୋଇଥିଲା । ବୈକୁଣ୍ଠ ଦାସ ବୋଲି ଜଣେ ଲୋକଙ୍କୁ ଠିକ୍ କରାଯାଇଥିଲା । ତାଙ୍କଠାରେ କାଳସୀ ଲାଗିଥିଲା । କାଳସୀ ଉପରେ ପୋଲିସ ପ୍ରସ୍ଥାନ କଲେ ।

ତାହାପରେ ସେଠାରେ ସଭାକାର୍ଯ୍ୟ ଚାଲିଥିଲା । ଇନ୍‌କିଲାବ-ଜିନ୍ଦାବାଦ, ଭାରତମାତା କି ଜୟ, ଗାନ୍ଧିଜୀ କି ଜୟ ଧ୍ୱନିରେ ଇଞ୍ଚୁଡ଼ିଗ୍ରାମ କମ୍ପି ଉଠିଥିଲା ।

ସଭା ସରିଲା । ଲୋକେ ଇଞ୍ଚୁଡ଼ିର ଲବଣ-ଚଟାଣଠାକୁ ଦଳ ଦଳ ହୋଇ ଚାଲିଲେ । ସ୍ୱେଚ୍ଛାସେବକମାନେ ଚଟାଣ ପାଖରେ ପହଞ୍ଚି ଲୁଣମିଶା ମାଟି ସଂଗ୍ରହ କଲେ । ସେତେବେଳେ ଦର୍ଶକମାନେ ଆନନ୍ଦରେ ହରିବୋଲ, ହରିବୋଲ, ବନ୍ଦେମାତରମ୍ ଧ୍ୱନି ଦେଉଥିଲେ । ଖବର ପାଇ ଲବଣ ଚଟାଣ ପାଖରେ ଗୋରା ଫଉଜ ପହଞ୍ଚିଗଲେ । ସତ୍ୟାଗ୍ରହୀମାନଙ୍କୁ ବେତରେ ପ୍ରହାର କଲେ । ବୁଟ୍‌ରେ ଦଳି ଚକଟି ଦେଲେ । ବହୁ ସତ୍ୟାଗ୍ରହୀ ରକ୍ତାକ୍ତ ହେଲେ; ତଥାପି ସେମାନେ କହୁଥିଲେ, "ମରିବୁ ପଛକେ, ଲୁଣମୁଠାକ ଛାଡ଼ିବୁ ନାହିଁ ।" ସ୍ୱେଚ୍ଛାସେବକମାନଙ୍କର ମନର ବଳ, ନୈତିକ ସାହସ ଦେଖି ପୋଲିସ ଅଫିସର ଅବାକ୍ ହୋଇଗଲେ । ପୋଲିସ ହାର ମାନିଲା । ନେତାମାନଙ୍କୁ ଏବଂ ସତ୍ୟାଗ୍ରହୀମାନଙ୍କୁ ଜେଲ୍‌ରେ ଭର୍ତ୍ତି କରାଗଲା । କେତେକ ସତ୍ୟାଗ୍ରହୀ ଇଞ୍ଚୁଡ଼ିରୁ ଲୁଣମାଟି ନେଇ ବାଲେଶ୍ୱର ଯାଏଁ ଶୋଭାଯାତ୍ରା କରିଥିଲେ ।

Digitized by srujanika@gmail.com

ବାଲେଶ୍ୱର ଜିଲ୍ଲାର ଇଞ୍ଚୁଡ଼, ସୁନ୍ଦରଗ୍ରାମ, ଖରସପାଦ, ଚୁନ୍ଦ୍ରାମ-ଠାରେ ଲବଣ ସତ୍ୟାଗ୍ରହ ଆମ ସ୍ୱାଧୀନତା ସଂଗ୍ରାମର ଇତିହାସରେ ବିଶେଷ ସ୍ଥାନ ଅଧିକାର କଲା । ପୁରୀଜିଲ୍ଲାର ପିପିଲି, ଅସ୍ତରଙ୍ଗ ଏବଂ କଟକ ଜିଲ୍ଲାର କୁଜଙ୍ଗ ପ୍ରଭୃତି ଅଞ୍ଚଳରେ ଲୋକେ ଲୁଣ ମାରିଥିଲେ, ସରକାରଙ୍କ ଲବଣ ଆଇନ ଭଙ୍ଗ କରିଥିଲେ ।

ଜୁଲାଇ ମାସରେ ଲୁଣମରା କାର୍ଯ୍ୟ ବନ୍ଦ ହେଲା । ଲୋକେ ଏହା-ପରେ ଖଜୁରି ଗଛ କାଟି ପକାଇଲେ । କାରଣ ଏହି ଖଜୁରି ଗଛ ରସରୁ ତାଡ଼ି ତିଆରି କରାଯାଇଥିଲା । ଇଂରେଜ ସରକାର ଲୋକଙ୍କଠାରୁ ଟିକସ ଆଦାୟ କରି ତାଡ଼ି, ଗଞ୍ଜେଇ, ମଦ, ଅଫିମ ବ୍ୟବସାୟ ପାଇଁ ଅନୁମତି ଦେଉଥିଲେ । ଲୋକେ ମଦ, ଅଫିମ, ଗଞ୍ଜେଇ ଦୋକାନ ଆଗରେ ପିକେଟିଙ୍ଗ୍ କଲେ । ପିକେଟିଙ୍ଗ୍ କରି ଜେଲ୍ ଗଲେ, ଜୋରିମାନା ଦେଲେ ।

ଲବଣ ସତ୍ୟାଗ୍ରହ ବେଳେ ଓଡ଼ିଶାରେ କଟକ, ପୁରୀ ଏବଂ ବାଲେଶ୍ୱର ଜିଲ୍ଲାରେ ଯେତେ ନେତା ଏବଂ କର୍ମୀ ସତ୍ୟାଗ୍ରହ କରିଥିଲେ ସେମାନଙ୍କର ନାମ ଲେଖିଲେ ଏକ ବଡ଼ ପୋଥି ହେବ ।

ଇଂରେଜ ସରକାରଙ୍କର ନୀତି ଭାଙ୍ଗିଲା

ଭାରତବର୍ଷରେ ଲବଣ ଆନ୍ଦୋଳନର ଜୟମନ୍ତ ଦେଖି ଇଂରେଜ ସରକାର ତାଙ୍କ ଦମନନୀତି ବଦଳାଇ ଥିଲେ । ୧୯୩୦ ମସିହା ନଭେମ୍ବର ମାସ ୧୨ ତାରିଖ ଦିନ ବିଲାତରେ ଗୋଲ ଟେବୁଲ ବୈଠକ ବସିଥିଲା । ବୈଠକକୁ ଗାନ୍ଧୀ କିମ୍ବା ଅନ୍ୟ କୌଣସି ନେତାଙ୍କୁ ଡକାଯାଇ ନଥିଲା । ତେଣୁ ଏହି 'ବୈଠକ'ରେ କୌଣସି ନିଷ୍ପତ୍ତି ହୋଇପାରିଲା ନାହିଁ । ୧୯୩୧ ମସିହା ଜାନୁଆରୀ ମାସ ୨୬ ତାରିଖ ଦିନ ସରକାର ଗାନ୍ଧୀ, ନେହେରୁ ପ୍ରଭୃତି କଂଗ୍ରେସ ନେତାଙ୍କୁ ଜେଲରୁ ଖଲାସ କରି ଦେଇ-ଥିଲେ । ଦେଶର ଅନ୍ୟାନ୍ୟ ସ୍ଥାନରେ କର୍ମୀମାନେ ଜେଲ୍‌ରୁ ଖଲାସ ହେଲେ ।

Digitized by srujanika@gmail.com

ଗାନ୍ଧୀ ଭାଇସ୍‌ରାଏଙ୍କୁ ସାକ୍ଷାତ କରିବାକୁ ଚିଠି ଲେଖିଥିଲେ । ଲର୍ଡ଼ ଇର୍‌ଉଇନ ଭାଇସରାୟ ଥିଲେ । ସେ ସଙ୍ଗେ ସଙ୍ଗେ ଗାନ୍ଧୀଙ୍କ ପ୍ରସ୍ତାବରେ ରାଜି ହୋଇଥିଲେ । ଭାଇସ୍‌ରାୟଙ୍କ ବାସଭବନରେ ଉଭୟଙ୍କର ଭେଟ ହୋଇଥିଲା ।

ଭାଇସ୍‌ରାୟ ଭବନ ଏକ ପ୍ରକାଣ୍ଡ ହତା । ଆଦବକାଇଦା, ଐଶ୍ୱର୍ଯ୍ୟ ଏବଂ ବିଳାସରେ ପରିପୂର୍ଣ୍ଣ । ତାହାର ନିର୍ମାଣ ପାଇଁ ସରକାରଙ୍କ ତହବିଲରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା । ତାହା ଭାରତର କୋଟି କୋଟି ପ୍ରଜାଙ୍କର ଟିକସ ଟଙ୍କା । ଭାଇସ୍‌ରାୟ ପୁଣି ରାଜା ମହାରାଜାଙ୍କ ଭଳି ବିଳାସ ଓ ଆଡ଼ମ୍ବରରେ ଚଳୁଥିଲେ । ଗାନ୍ଧୀ ଭାଇସ୍‌ରାୟଙ୍କ ପ୍ରାସାଦ ଭିତରେ ପ୍ରବେଶ କଲେ ।

ଗାନ୍ଧୀଙ୍କର ପୋଷାକପତ୍ର ଦେଖିଲେ କେହି ବିଶ୍ୱାସ କରିବ ନାହିଁ ଯେ ସେ ଭାରତର ବଡ଼ଲାଟ୍‌ଙ୍କୁ ଭେଟିବା ପାଇଁ ଆଣ୍ଠୁଲୁଗା ଖଦଡ଼ ଲୁଗା ପିନ୍ଧି ଯାଇଥିଲେ । ସତରେ ଭାରତର ଭାଇସ୍‌ରାୟ ଖୁବ୍ ଜାକଜମକରେ ଚଳୁଥିଲେ । ଥରେ ବିଲାତର ପ୍ରିନସ୍ ଅଫ୍ ଓ୍ୱେଲସ୍ ଭାରତ ଦର୍ଶନରେ ଆସିଥିଲେ । ସେ ଭାରତରେ ଭାଇସ୍‌ରାୟଙ୍କର ଚଳଣି ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ । ସେ କହିଲେ, "ମହାରାଜାମାନେ ଏମିତି ବିଳାସ ଆଡ଼ମ୍ବରରେ ଚଳନ୍ତି ବୋଲି ମୋର ଧାରଣା ନଥିଲା ।"

ଏକ ଦିଗରେ ଭାଇସ୍‌ରାୟ ଲର୍ଡ଼ ଇରଉଇନ୍ ଅନ୍ୟ ଦିଗରେ ଗାନ୍ଧୀ । ଦୁହେଁ ପରସ୍ପରଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଜଣେ ପୋଲିସ ଫଉଜ ଏବଂ ଲାଠି ବନ୍ଧୁକ ସାହାଯ୍ୟରେ ଭାରତବର୍ଷକୁ ଶାସନ କରୁଥିଲେ, ଆଉ ଜଣେ ନିଜର ଆଦର୍ଶ ଏବଂ ନୈତିକ ବଳରେ ଭାରତର କୋଟି କୋଟି ନରନାରୀଙ୍କର ହୃଦୟକୁ ଜୟ କରି ପାରିଥିଲେ ।

ଦିନେ ଗାନ୍ଧୀ ଭାଇସ୍‌ରାୟଙ୍କର ଏହି ବଙ୍ଗଳାରୁ ତାଙ୍କ ରହିବା ସ୍ଥାନକୁ ଚାଲି ଚାଲି ଯାଇଥିଲେ । ଥରେ ଗାନ୍ଧୀ ତାଙ୍କର ଶାଲ ଖଣ୍ଡିକ ଭାଇସ୍‌ରାୟଙ୍କ ବଙ୍ଗଳାରେ ଭୁଲିଯାଇଥିଲେ । ଥରେ ଭାଇସ୍‌ରାୟ ଲର୍ଡ଼ ଇରଉଇନ୍ ଗାନ୍ଧୀଙ୍କୁ 'ଚାହା' ଯାଚିଥିଲେ । ଗାନ୍ଧୀ ସଙ୍ଗେ ସଙ୍ଗେ ତାଙ୍କର ଝୁଲି

Digitized by srujanika@gmail.com

ବ୍ୟାଗ୍‌ରୁ ଲୁଣ ଟିକଏ କାଢ଼ି କହିଲେ, "ମୁଁ ଗୃହାରେ ଟିକଏ ଲୁଣ ଦେଇ ପିଇବି ।" ଭାଇସ୍‌ରାୟ ଏହା ଦେଖି ଟିକଏ ହସିଥିଲେ ।

ଏହାପରେ ଗାନ୍ଧୀ ଏବଂ ଭାଇସ୍‌ରାୟଙ୍କ ମଧ୍ୟରେ ଗୋଟାଏ ଚୁକ୍ତି ସ୍ୱାକ୍ଷରିତ ହେଲା । ଏହାକୁ ଗାନ୍ଧୀ-ଇରୱିନ ଚୁକ୍ତି କୁହାଯାଏ । ଏହି ଚୁକ୍ତି ଅନୁସାରେ ଲବଣ ସତ୍ୟାଗ୍ରହର ନେତା ଏବଂ ସତ୍ୟାଗ୍ରହୀମାନଙ୍କୁ ଜେଲ୍‌ରୁ ଖଲାସ କରାଗଲା । ଲୋକେ ଲୁଣ ମାରିବା ପାଇଁ ହକ୍‌ଦାର ହେଲେ । କିନ୍ତୁ ଭାରତକୁ କେବେ ସ୍ୱାଧୀନତା ମିଳିବ, ସେକଥା ଜଣା ପଡ଼ିଲା ନାହିଁ । ଗାନ୍ଧୀ ଦେଶବାସୀଙ୍କୁ କହିଥିଲେ, "ଏଥର ଆମକୁ ସ୍ୱରାଜ୍ୟ ମିଳିଲା ନାହିଁ ସତ୍ୟ, ମାତ୍ର ସ୍ୱରାଜ୍ୟର ଦ୍ୱାରଦେଶ ଆମପାଇଁ ମୁକ୍ତ ହେଲା ।" ସେ ଘୋଷଣା କରିଥିଲେ – "ଆମର ଲକ୍ଷ୍ୟ ଆମର ସ୍ୱାଧୀନତା ।" ସେ କାହିଁକି ଭାଇସ୍‌ରାୟଙ୍କ ଚୁକ୍ତି ଗ୍ରହଣ କରିଥିଲେ ସେକଥା ମଧ୍ୟ ସମସ୍ତଙ୍କୁ ବୁଝାଇ-ଥିଲେ । ତାଙ୍କ ମତରେ "ଆମେ ଆମର ଆଦର୍ଶ ଓ ନୀତି ବଳରେ ସତ୍ୟାଗ୍ରହ କଲେ, ସତ୍ୟାଗ୍ରହୀମାନଙ୍କର ଉପାୟ ଏବଂ ଉଦ୍ଦେଶ୍ୟ ଉଭୟ ସର୍ବଦା ନିର୍ମଳ ହେବା ଦରକାର ।" କଂଗ୍ରେସର ନେତାମାନେ ଏହି ସମୟରେ ଖବର କାଗଜରେ ଭାରତର ଲବଣ ସତ୍ୟାଗ୍ରହ ଏବଂ ସ୍ୱାଧୀନତା ଆନ୍ଦୋଳନ ସମ୍ପର୍କରେ ବହୁତ ଲେଖା ପ୍ରକାଶ କରିଥିଲେ ।

ବିଲାତରେ ଗୋଲଟେବୁଲ ବୈଠକ

ବିଲାତରେ ଦ୍ୱିତୀୟଥର ଗୋଲଟେବୁଲ ବୈଠକ ବସିବାର ଠିକ୍ ହେଲା । କଂଗ୍ରେସ ସେହି ବୈଠକରେ ଯୋଗ ଦେବା ପାଇଁ ଗାନ୍ଧିଜୀଙ୍କୁ ମନୋନୀତ କରିଥିଲେ । ୧୯୩୧ ମସିହା ଅଗଷ୍ଟମାସ ୨୯ ତାରିଖରେ ଜାହାଜରେ ଗାନ୍ଧୀ ବିଲାତ ଯାତ୍ରା କରିଥିଲେ । ତାଙ୍କ ସହିତ ପଣ୍ଡିତ ମଦନମୋହନ ମାଳବ୍ୟ, ସରୋଜିନୀ ନାଇଡୁ, ତାଙ୍କ ପୁତ୍ର ଦେବଦାସ ଏବଂ ମିରାବେନ ମଧ୍ୟ ଯାଇଥିଲେ । ବିଲାତ ଯାତ୍ରା କରିବା ପୂର୍ବରୁ ସେ ଦେଶ-ବାସୀଙ୍କୁ ସତର୍କ କରାଇ କହିଥିଲେ, "ବିଲାତ ଯାଉଛି, ଗୋଲଟେବୁଲ ବୈଠକରେ ଯୋଗ ଦେବି, ଆମର ଦାବି ଇଂରେଜ ସରକାର ଗ୍ରହଣ କରିପାରନ୍ତି, ନ କରିପାରନ୍ତି । ମୋତେ ଶୂନ୍ୟହସ୍ତରେ ଫେରିବାକୁ

Digitized by srujanika@gmail.com

ପଡ଼ଥାରେ । ଆମ୍ଭେମାନେ ପିମ୍ପୁଡ଼ି ସଦୃଶ, ବ୍ରିଟିଶ ସରକାର ଏକ ପ୍ରକାଣ୍ଡ ପରାକ୍ରମଶାଳୀ ହାତୀ ସଦୃଶ; ମାତ୍ର ଆମର ଉଦ୍ଦେଶ୍ୟ ଅତି ମହତ୍ ।"

Digitized by srujanika@gmail.com

ଗାନ୍ଧୀ ଖୁବ୍ ସରଳ ଜୀବନଯାପନ କରୁଥିଲେ । ସେ ଖଦଡ଼ ପିନ୍ଧୁଥିଲେ । ସେଥିପାଇଁ ବିଲାତ ଯିବା ସମୟରେ ସେ ତାଙ୍କ ସହିତ ଖୁବ୍ କମ୍ ଜିନିଷପତ୍ର ନେଇଥିଲେ । ସେ ଜାହାଜରେ ସବୁଠାରୁ ନିମ୍ନଶ୍ରେଣୀର ଟିକେଟ କାଟିଥିଲେ । ତାଙ୍କ ସହିତ ତାଙ୍କର ଗୋଟିଏ ଛେଳି ମଧ୍ୟ ଯାଇଥିଲା । କାରଣ ଗାନ୍ଧୀ ବରାବର ଛେଳିଦୁଧ ପାନ କରୁଥିଲେ । ଜାହାଜରେ ଗାନ୍ଧୀ ସୂତା କାଟୁଥିଲେ, ପ୍ରାର୍ଥନା ସଭା କରୁଥିଲେ ଏବଂ ଜାହାଜର ଯାତ୍ରୀମାନଙ୍କ ସହିତ ଆଲୋଚନା କରୁଥିଲେ ।

ଗାନ୍ଧୀ ଏବଂ ତାଙ୍କ ଦଳ ସେପ୍ଟେମ୍ବର ବାର ତାରିଖ ଦିନ ବିଲାତରେ ପହଞ୍ଚିଥିଲେ । ଗାନ୍ଧୀ ଜାହାଜରୁ ଓହ୍ଲାଇଲେ । ତାଙ୍କୁ ଦେଖି ବିଲାତର ଲୋକେ ଆଶ୍ଚର୍ଯ୍ୟ ହୋଇଗଲେ ।

ତାଙ୍କର ଆଣ୍ଠୁଲୁଚ୍ଛା ଖଦଡ଼ ଧୋତି, ହାତରେ ବାଉଁଶବାଡ଼ି, ଦେହରେ ଖଦଡ଼ ଚାଦର, ପାଦରେ ଚପଲ, ଠିକ୍ ଗୋଟାଏ ସନ୍ନ୍ୟାସୀର ଚେହେରା । ସମସ୍ତେ ଭାବିଲେ ବିଲାତର ପ୍ରଧାନମନ୍ତ୍ରୀଙ୍କ ସହିତ ଏମିତି ଗୋଟାଏ ସନ୍ନ୍ୟାସୀ କ'ଣ କଥାବାର୍ତ୍ତା କରିବ ?

ବିଲାତର ଖବରକାଗଜ ପୃଷ୍ଠା ଗାନ୍ଧୀଙ୍କ ଫଟୋରେ ଭର୍ତ୍ତି ହୋଇଗଲା । ସମସ୍ତେ ଗାନ୍ଧୀଙ୍କୁ ଭାରତର ଛୋଟିଆ ମୂଷା (Mickey mouse of India) ବୋଲି ବର୍ଣ୍ଣନା କରିଥିଲେ । ଗୋଟାଏ ଲୋକ, ଯା ହାତରେ ରାଜ୍ୟର ଶାସନ କ୍ଷମତା ନଥିଲା, ତାଙ୍କର କୌଣସି ପଦପଦବୀ ନଥିଲା, ତଥାପି ଦେଶବାସୀ ଏତେ ମାନୁଥିଲେ, ଏତେ ସମ୍ମାନ ଦେଖାଉଥିଲେ । ତାଙ୍କର ପଦେ କଥାରେ ଦେଶର ଶହ ଶହ ଯୁବକ ଜେଲ୍ ଯାଉଥିଲେ । ବିଲାତ ଲୋକେ ଭାବିଲେ ଗାନ୍ଧୀଙ୍କର ଗୋଟାଏ ଅଦ୍ଭୁତ ଶକ୍ତି ଅଛି । ଗାନ୍ଧୀ ବନ୍ଧୁକ ଏବଂ ଲାଠି ପ୍ରହାରକୁ ଖାତିର କରୁ ନଥିଲେ । ପୁଣି ବିଲାତରେ ଯେଉଁଠି ରହିଲେ ସେଠା ଅଞ୍ଚଳଟି ଗରିବ ଲୋକଙ୍କର ବାସସ୍ଥାନ । ତାହା ହେଉଛି ବିଲାତର କିଙ୍ଗସଲିହଲ୍ । ପୂର୍ବ ସୀମାରେ ଅବସ୍ଥିତ (East end) ।

Digitized by srujanika@gmail.com

ବିଲାତରେ ଗାନ୍ଧୀ

ସେଣ୍ଟ୍ ଜେମ୍‌ସ ପାଲେସ୍‌ରେ ଗୋଲଟେବୁଲ ବୈଠକ ବସିଥିଲା ।
ତାହା ଗାନ୍ଧୀଙ୍କ ରହଣି ସ୍ଥାନରୁ ଆଠ କିଲୋମିଟର ଦୂର । ଗାନ୍ଧୀ କୌଣସି

Digitized by srujanika@gmail.com

ବଡ଼ ହୋଟେଲରେ ରହିବାକୁ ତାଙ୍କର ବନ୍ଧୁମାନେ କହିଥିଲେ । ମାତ୍ର ସେ ହୋଟେଲର ବିଳାସ ଏବଂ ଆଡ଼ମ୍ବରକୁ ପସନ୍ଦ କରି ନଥିଲେ । ସେ କହିଥିଲେ ଯେ ସେ ଗରିବ ସାଧାରଣ ଲୋକମାନଙ୍କ ମଧ୍ୟରେ ରହିବା ଉଚିତ । ସେ ବିଲାତର ନାଇଟବ୍ରିଜ୍ ପାଖରେ ବଖରାଏ ଘର ନେଇଥିଲେ । ସେହି କୋଠରୀରେ ସେ ଆଗନ୍ତୁକମାନଙ୍କୁ ଭେଟୁଥିଲେ ।

ଗାନ୍ଧୀ ପ୍ରତିଦିନ ସକାଳେ ସେହି ଗରିବ ଲୋକଙ୍କ ବସ୍ତିରେ ବୁଲୁଥିଲେ । ଲୋକମାନଙ୍କୁ ଭେଟି ସେମାନଙ୍କର ସୁଖଦୁଃଖ ବୁଝୁଥିଲେ । ଥରେ ତାଙ୍କୁ ଗୋଟିଏ ଇଂରେଜ ଶିଶୁ ପଚାରିଦେଲା, "ଗାନ୍ଧୀ, ତୁମର ଟ୍ରାଉଜର କାହିଁ ।" ଗାନ୍ଧୀ ହସିଥିଲେ ଏବଂ ଶିଶୁମାନେ ମଧ୍ୟ ହସିଥିଲେ । ବିଲାତରେ ଗାନ୍ଧୀ ନେତା ଏବଂ ବିଦ୍ୱାନ୍‌ମାନଙ୍କୁ ଭେଟିଥିଲେ । ସେ ବିଭିନ୍ନ ସ୍ଥାନରେ ବକ୍ତୃତା ଦେଇଥିଲେ ।

ଗାନ୍ଧୀଙ୍କର ଏକମାତ୍ର ଉଦ୍ଦେଶ୍ୟ ହେଲା, ବିଲାତ ଦେଶର ଲୋକଙ୍କୁ ସେ ବିଲାତ ସରକାରଙ୍କର ଅନ୍ୟାୟ, ହିଂସା ଏବଂ ଶୋଷଣ ସମ୍ପର୍କରେ ବୁଝାଇବେ । ଏହାଛଡ଼ା ବିଲାତ ସରକାର ଜବରଦସ୍ତି ବନ୍ଧୁକ ସାହାଯ୍ୟରେ ଭାରତକୁ କିପରି ପରାଧୀନ କରି ରଖିଛି ତାହା ମଧ୍ୟ ଜଣାଇବେ ।

ଏହି ସମୟରେ ଗାନ୍ଧୀଙ୍କୁ ବହୁ ସାମ୍ବାଦିକ, ବହୁ ନେତା ମଧ୍ୟ ଭେଟି ତାଙ୍କଠାରୁ ଭାରତର ବିଭିନ୍ନ ସମସ୍ୟା ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ । ବିଲାତର ଯୁଦ୍ଧକାଳୀନ ପ୍ରଧାନମନ୍ତ୍ରୀ ଲର୍ଡ଼ ଜର୍ଜ, ବିଲାତର ପ୍ରସିଦ୍ଧ ଲେଖକ ଜର୍ଜ ବାର୍ନାଡ଼୍ ସ, ମାରିଆ ମଣ୍ଟେଶୋରୀ ଜେନେରାଲ୍ ସ୍ମଟ୍ ପ୍ରଭୃତି ଗାନ୍ଧୀଙ୍କୁ ଭେଟିଥିଲେ । ଚାର୍ଲିଚାପେଲିନ ଜଣେ ବିଖ୍ୟାତ ଅଭିନେତା । ସେ ଗାନ୍ଧୀଙ୍କୁ ଦେଖା କରିବାକୁ ଚାହିଁଲେ । ଗାନ୍ଧୀ ସିନେମା ଦେଖୁ ନଥିଲେ କି ସିନେମା ପାଇଁ ତାଙ୍କର ଆଗ୍ରହ ନଥିଲା । ସେ ଶୁଣିଲେ ଚାର୍ଲିଚାପେଲିନଙ୍କର ଗୋଟିଏ ଦରିଦ୍ର ପରିବାରରେ ଜନ୍ମ । ସେ ତେଣୁ ତାଙ୍କୁ ଦେଖା ଦେଇଥିଲେ ।

Digitized by srujanika@gmail.com

ଗାନ୍ଧୀ ବିଲାତରେ ସ୍କୁଲ, କଲେଜ ଏବଂ ବିଶ୍ୱବିଦ୍ୟାଳୟ ପ୍ରଭୃତି ବୁଲି ବୁଲି ଦେଖିଥିଲେ । ସେ ଲଙ୍କାସାୟାର ଯାଇଥିଲେ ଏବଂ ସେଠାରେ ଲୁଗାକଳର ଶ୍ରମିକମାନଙ୍କୁ ଭେଟିଥିଲେ । ଶ୍ରମିକମାନେ ସେତେବେଳେ ବେକାର ଥିଲେ । ବିଲାତର ଲୁଗାକୁ ଭାରତର ଲୋକେ କାହିଁକି ବର୍ଜନ କରିଥିଲେ ଗାନ୍ଧୀ ଶ୍ରମିକମାନଙ୍କୁ ବୁଝାଇ ଦେଇଥିଲେ । କଳର ଶ୍ରମିକମାନେ ଗାନ୍ଧୀଙ୍କର ବକ୍ତୃତା ଶୁଣି ତାଙ୍କୁ ସ୍ୱାଗତ ଜଣାଇଥିଲେ ।

ଭାରତର ଲଙ୍ଗଳା ଫକୀରଙ୍କୁ ଇଂଲଣ୍ଡ ରାଜାଙ୍କର ନାପସନ୍ଦ

ସେତେବେଳେ ବିଲାତର ରାଜା ଥିଲେ ପଞ୍ଚମ ଜର୍ଜ । ପଞ୍ଚମ ଜର୍ଜ ଗୋଲଟେବୁଲର ପ୍ରତିନିଧିମାନଙ୍କ ପାଇଁ ଏକ ସମ୍ବର୍ଦ୍ଧନା ସଭା କରିଥିଲେ । ବର୍କିଂହାମ୍ ପାଲେସ୍‌ରେ ଏହି ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା । ପଞ୍ଚମ ଜର୍ଜ କିନ୍ତୁ ଗାନ୍ଧୀଙ୍କୁ ଏହି ସମ୍ବର୍ଦ୍ଧନା ସଭାକୁ ନିମନ୍ତ୍ରଣ କରିବା ପାଇଁ ରାଜି ନଥିଲେ । ସାର୍ ସାମୁଏଲ ହୋର୍ ସେତେବେଳେ ଭାରତ ପାଇଁ ସେକ୍ରେଟେରି (ସେକ୍ରେଟେରି ଅଫ୍ ଷ୍ଟେଟସ୍) ଥିଲେ ।

ପଞ୍ଚମ ଜର୍ଜ କହିଲେ, "ଗୋଟାଏ ଲଙ୍ଗଳା ଫକୀର ରାଜପ୍ରାସାଦରେ ପ୍ରବେଶ କରିବା କଅଣ ଠିକ୍ ହେବ ?"

ସାମୁଏଲ ହୋର୍ ପଚାରିଲେ, "କାହିଁକି ?"

ପଞ୍ଚମ ଜର୍ଜ ଉତ୍ତର ଦେଲେ 'ସେହି ଲଙ୍ଗଳା ଫକୀର ପରା ଭାରତରେ ମୋର ବିଶ୍ୱସ୍ତ କର୍ମଚାରୀମାନଙ୍କୁ ହଇରାଣ କରୁଛି ?"

ସାମୁଏଲ ଉତ୍ତର ଦେଲେ, "ଆପଣଙ୍କର ଏହି ବିଷୟର ଏହି ସମୟରେ ଠିକ୍ ନୁହେଁ ।"

Digitized by srujanika@gmail.com

ପଞ୍ଚମ ଜର୍ଜ ଏହାପରେ ଯୁକ୍ତି କରିଥିଲେ ଯେ, "ଗୋଟାଏ ଲଙ୍ଗଳା ଫକୀରକୁ ଏମିତି ଶୀତରେ ରାଜପ୍ରାସାଦକୁ ନିମନ୍ତ୍ରଣ କରିବା କେତେଦୂର ଠିକ୍ ?"

ସାମୁଏଲ ହୋର୍ ଉତ୍ତର ଦେଲେ, "ଶୀତ ହେଲେ ହେଉ, ଆପଣଙ୍କୁ ତ ଶୀତ ବାଧୁନାହିଁ, ଶୀତ ବାଧିଲେ ତାଙ୍କୁ ବାଧିବ ।"

ଯାହାହେଉ ଶେଷରେ ଗାନ୍ଧୀଙ୍କୁ ସମ୍ବର୍ଦ୍ଧନା ସଭାକୁ ନିମନ୍ତ୍ରଣ କରାଯାଇଥିଲା । ସମ୍ବର୍ଦ୍ଧନା ଶେଷରେ ପଞ୍ଚମ ଜର୍ଜ ଗାନ୍ଧୀଙ୍କୁ ଲକ୍ଷ୍ୟ କରି ପଚାରିଲେ, "ଦେଖନ୍ତୁ ମୋ ସାମ୍ରାଜ୍ୟ ଉପରେ ଆକ୍ରମଣ ହେଲେ ମୁଁ ସହ୍ୟ କରିପାରିବି ନାହିଁ ।"

ପଞ୍ଚମ ଜର୍ଜଙ୍କର ମୃଦୁ ଧମକ ଶୁଣି ଗାନ୍ଧୀ ବିନୀତ ଭାବରେ ଉତ୍ତର ଦେଲେ, "ଆପଣଙ୍କ ରାଜପ୍ରାସାଦରେ ରାଜନୀତି ଭିତରକୁ ଅତିଥିମାନଙ୍କୁ ଟାଣିବା କ'ଣ ଠିକ୍ ?"

ଜଣେ ସାମ୍ବାଦିକ ପଚାରିଥିଲେ, "ଗାନ୍ଧି, ଆପଣ ତ ଗରମ ପୋଷାକ ପିନ୍ଧିନଥିଲେ । ବର୍କିମହାମ୍ ରାଜପ୍ରାସାଦରେ ତେବେ ଆପଣଙ୍କୁ ଖୁବ୍ ବେଶି ଥଣ୍ଡା ଲାଗିଥିବ ।"

ଗାନ୍ଧୀ ହସି ହସି ଉତ୍ତର ଦେଇଥିଲେ, "ନା ନା, ଆପଣଙ୍କ ରାଜା ତ ଆମ ଦୁହିଁଙ୍କ ପାଇଁ ଯଥେଷ୍ଟ ପୋଷାକ ପିନ୍ଧିଥିଲେ ।"

ଗାନ୍ଧୀ ଗୋଟାଏ ବେତାରଭାଷଣରେ ଆମେରିକାବାସୀଙ୍କୁ ଭାରତର ସ୍ୱାଧୀନତା ଆନ୍ଦୋଳନ ସମ୍ପର୍କରେ ବୁଝାଇଥିଲେ, "ପୃଥିବୀର ବିଭିନ୍ନ ଦେଶରେ ଲୋକେ ସ୍ୱାଧୀନତା ସଂଗ୍ରାମ କରିଛନ୍ତି । ସେମାନେ ତରବାରି ବନ୍ଧୁକ ସାହାଯ୍ୟରେ ସଂଗ୍ରାମ କରିଛନ୍ତି । ଆମେ କିନ୍ତୁ ଭାରତ-ବର୍ଷରେ ବିନା ତରବାରି, ବିନା ବନ୍ଧୁକରେ ଏହି ସ୍ୱାଧୀନତା ପାଇଁ ଲଢ଼େଇ କରି ଚାଲିଛୁ । ଆମର ଲକ୍ଷ୍ୟ ଯେପରି ମହାନ୍, ଆମର ପନ୍ଥା ସେହିପରି ମହାନ୍ । ଆଜି ସାରା ଜଗତ ସତ୍ୟର ଆବିଷ୍କାର ପାଇଁ

Digitized by srujanika@gmail.com

ଆରମ୍ଭ । ଭାରତବର୍ଷ ସମଗ୍ର ପୃଥିବୀକୁ ଏନେ ବାଟ ଦେଖାଇବ ।
ଶେଷରେ ସେ ପସ୍କରିଥିଲେ କୋଟି କୋଟି ଘୋକଲ୍ ନରନାରୀ ସ୍ୱାଧୀନତା

Digitized by srujanika@gmail.com

ସ୍ୱହିଂସ୍ର, ମୁଁ ଆଜ ବହିନ୍ନ ଦେଶବାସୀଙ୍କୁ ଭାରତର ଦୁଃଖ ଜଣାଉଛି ! ଗୋଟାଏ ଜାତି ତାର ସ୍ୱାଧୀନତା ପାଇଁ ଆଜ ଜାଗି ଉଠିଛି ।”

ଗାନ୍ଧୀ ବଲାତରୁ ଫେରଲେ

ଗୋଲଟେବୁଲ ବୈଠକ ବସିଥିଲା; ମାତ୍ର ଭାରତର କଛି ଲାଭ ହେଲା ନାହିଁ । ଇଂରେଜ ସରକାର ଭାରତର ସ୍ୱାଧୀନତା ବିଷୟରେ ନୀରବ ରହିଥିଲେ । ଇଂରେଜ ଶାସକ ଆଉ ଗୋଟାଏ କାର୍ଯ୍ୟ କଲେ ଯାହା ଯୋଗୁ ଆମ ଦେଶରେ ହିନ୍ଦୁ ମୁସଲମାନମାନଙ୍କ ମଧ୍ୟରେ କଳହ ଲାଗିଥିଲା । ଇଂରେଜ ସରକାର ମୁସଲମାନମାନଙ୍କୁ ସ୍ୱତନ୍ତ୍ର ସୁବିଧା ଦେବା ପାଇଁ ଘୋଷଣା କଲେ ।

ବଡ଼ ଦୁଃଖ ମନରେ ଗାନ୍ଧୀ ବଲାତରୁ ଫେରଲେ । ଭାରତକୁ ଫେରିବା ବାଟରେ ସେ ଫ୍ରାନ୍ସ, ସୁଇଜରଲଣ୍ଡ, ଇଟାଲି ପ୍ରଭୃତି ଦେଶ ପରଦର୍ଶନ କରିଥିଲେ ।

ଗାନ୍ଧୀ ଡିସେମ୍ବର ମାସ ୨୮ ତାରିଖରେ ବମ୍ବେରେ ପହଞ୍ଚିଥିଲେ । ସେଦିନ ବମ୍ବେର ବିରାଟ ଜନତା ତାଙ୍କୁ ସ୍ୱାଗତ କରିଥିଲେ । ତାଙ୍କୁ ଭେଟିବା ପାଇଁ ଜବାହରଲାଲ ନେହେରୁ ବମ୍ବେ ଯାଉଥିଲେ । ବାଟରେ ତାଙ୍କୁ ପୋଲିସ ଗିରଫ କଲେ । ସମଗ୍ର ଦେଶରେ ନିଷେଧ ଆଇନ ଜାରି ହୋଇଥିଲା, ନେତାମାନଙ୍କୁ ମନଇଚ୍ଛା ଗିରଫ କରାଗଲା । ଖବରକାଗଜ ସମ୍ପାଦକଙ୍କୁ ଗିରଫ କରାଗଲା । ସରକାର ଘୋଷଣା କଲେ ଯେଉଁମାନେ ଆନ୍ଦୋଳନ କରିବେ ସେମାନଙ୍କର କୋଠାବାଡ଼ି, ଧନସମ୍ପତ୍ତି ବାଜ୍ୟାପ୍ତି କରାଯିବ । ଆଗରୁ ସରକାର ଯେଉଁସବୁ ସୁବିଧା ଦେଇଥିଲେ ବର୍ତ୍ତମାନ ତାହା ରଦ୍ଦ କରି ଦିଆଗଲା । ସରକାର ଜାତୀୟ କଂଗ୍ରେସ ଉପରେ କଟକଣା ଜାରି କଲେ । ଏହିସବୁ ଅବସ୍ଥା ପାଇଁ ଦାୟୀ ହେଉଛନ୍ତି ସେତେବେଳର ଭାଇସରାୟ ଲର୍ଡ଼ ଉଇଲିଂଡ଼ନ୍ । ଗାନ୍ଧୀ ସେଥିପାଇଁ ଉପହାସ କରି କହିଥିଲେ, “ବଡ଼ଲାଟଙ୍କର ଏହି ସବୁ ଗିରଫ, ଧମକ, ଅତ୍ୟାଚାର ଆମ ପ୍ରତି ବଡ଼ଦିନର ଉପହାର ।” ଗାନ୍ଧୀ ବଡ଼ଲାଟଙ୍କୁ ଭେଟିବା ପାଇଁ ପତ୍ର ଲେଖିଥିଲେ । ମାତ୍ର ସରକାରଙ୍କ ତରଫରୁ ଅନୁମତି ମିଳିଲା ନାହିଁ ।

Digitized by srujanika@gmail.com

ମୁଠାଏ ଲୁଣ ଭାରତରେ ଇଂରେଜ ସାମ୍ରାଜ୍ୟକୁ ଦୋହଲାଇ ଦେଲା



Digitized by srujanika@gmail.com



୧୯୩୨ ମସିହା ଜାନୁଆରୀ ୪ ତାରିଖ ଦିନ ଇଂରେଜ ସରକାର ଗାନ୍ଧୀଙ୍କୁ ପୁଣି ଗିରଫ କଲେ । ଏଥର ମଧ୍ୟ ତାଙ୍କୁ ୟାରବାଡ଼ା ଜେଲରେ ରଖାଯାଇଥିଲା । ଅଳ୍ପଦିନ ତଳେ ବିଲାତରେ ଯେଉଁ ନେତା ସଭାଙ୍କର

Digitized by srujanika@gmail.com

ଅଟଥି ହୋଇଥିଲେ ସେ ଭାରତକୁ ଫେରି ଜେଲ୍ ଭିତରେ ବନ୍ଦୀ ହୋଇଥିଲେ । ସେହି ବର୍ଷ ଜାନୁୟାରୀ ମାସରେ ତ୍ରାୟ ଚଉଦ ହଜାର କର୍ମୀ ଗିରଫ ହୋଇଥିଲେ, ଫେବୃୟାରୀ ମାସରେ ସତର ହଜାର କର୍ମୀ ଗିରଫ ହେଲେ । ଇଂରେଜ ସରକାର ଭାରତର ସ୍ୱାଧୀନତା ଆନ୍ଦୋଳନକୁ ଧ୍ୱଂସ କରିଦେବା ପାଇଁ ଚାହିଁଲେ । ଲବଣ ସତ୍ୟାଗ୍ରହ କଅଣ ଏମିତି ପଣ୍ଡ ହୋଇଗଲା ? ନା, ଏହା କଦାପି ହୋଇ ନପାରେ । ଲବଣ ସତ୍ୟାଗ୍ରହର ମାତ୍ର ସତର ବର୍ଷ ପରେ ଭାରତ ସ୍ୱାଧୀନ ହେଲା । ଭାରତରୁ ବିଦେଶୀ ଶାସନ ଲୋପ ପାଇଲା । ଇଂରେଜ ସରକାର ଭାରତ ଛାଡ଼ି ତାଙ୍କ ଦେଶକୁ ପ୍ରସ୍ଥାନ କଲେ । ଗାନ୍ଧୀ 'ମୁଠାଏ ଲୁଣ' ପାଇଁ ସତ୍ୟାଗ୍ରହ କରିଥିଲେ । ସେ 'ମୁଠାଏ ଲୁଣ'ର ଅଧିକାରରୁ ଶେଷରେ ଆମକୁ ସ୍ୱାଧୀନତା ମିଳିଲା । ଗୁଜୁରାଟର 'ଦାଣ୍ଡି' ସମୁଦ୍ର କୂଳରେ ହଜାର ହଜାର ସତ୍ୟାଗ୍ରହୀମାନଙ୍କ ସହ ଗାନ୍ଧୀ ହାତରେ ମୁଠାଏ ଲୁଣ ଛୋଟନେଇ ଯେଉଁ ସତ୍ୟାଗ୍ରହ କରିଥିଲେ, ସେ ଲୁଣ ମୁଠାକ ଭାରତରେ ଇଂରେଜ ସାମ୍ରାଜ୍ୟକୁ ଦୋହଲାଇ ଦେଇଥିଲା । ବିଦେଶୀ ଶାସନ କବଳରୁ ଭାରତ ମୁକ୍ତିଲାଭ କରିଥିଲା । 'ମୁଠାଏ ଲୁଣ' ପାଇଁ ଆଇନ ଅମାନ୍ୟ କଲେ କ'ଣ ସ୍ୱାଧୀନତା ମିଳିପାରିବ ବୋଲି ଯେଉଁମାନେ ସନ୍ଦେହ କରୁଥିଲେ, ସେମାନେ ଶେଷରେ ବୁଝିପାରିଥିଲେ 'ମୁଠାଏ ଲୁଣ'ର କରାମତି କେତେ ! ଗାନ୍ଧୀଙ୍କର ସତ୍ୟାଗ୍ରହର ମୂଲ୍ୟ କେତେ !

—o—

Digitized by srujanika@gmail.com